

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୮ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 18 JANUARY 2021

Vol.No. 31 ■ No. 17 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ ...

ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୨୧ରୁ ବିନା କୋଭିଡ୍ ରିପୋର୍ଟରେ ମହାପ୍ରଭୁଙ୍କ ଦର୍ଶନ

ଭୁବନେଶ୍ୱର,୧୭।୦୧ (ନି.ପ୍ର): ଜାନୁଆରୀ ୨୧ରୁ ଶ୍ରୀମନ୍ଦିରରେ ବିନା କୋଭିଡ୍ ରିପୋର୍ଟରେ ଦର୍ଶନ କରିପାରିବେ ଭକ୍ତ। ନିର୍ବିଘ୍ନ ଦର୍ଶନ ନେଇ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। କୋଭିଡ୍ ନେଗେଟିଭ ରିପୋର୍ଟ ବିନା ଦର୍ଶନ କରିପାରିବେ ଶ୍ରଦ୍ଧାଳୁ। ପ୍ରତିଦିନ ୩୦ ହଜାର ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ୩୦ ହଜାରରୁ ଊର୍ଦ୍ଧ୍ୱ ହେଲେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଶ୍ରଦ୍ଧାଳୁଙ୍କୁ କେବଳ ସିଂହଦ୍ୱାର ବ୍ୟାରିକେଡ୍ ଦେଇ ଭିତରକୁ ଛଡ଼ାଯିବ। ଥର୍ମାଲ ସ୍କ୍ରିନିଂ କରାଯିବ; ମାସ୍କ, ସାନିଟାଇଜକୁ ଗୁରୁତ୍ୱ ଦିଆଯିବ। ଶ୍ରୀମନ୍ଦିର ସାନିଟାଇଜ ପାଇଁ ପ୍ରତି ରବିବାର ସାଧାରଣ ଦର୍ଶନ ବନ୍ଦ ରହିବ। ବ୍ୟବସ୍ଥା ମୁତାବକ ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଜାରି ରହିବ। ତେବେ ସକାଳ ୬ରୁ ୭ଟା ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିବା ବେଳେ ପୁରୀବାସୀ ନିଜ ନିଜର ପରିଚୟ ପତ୍ର ଦେଖାଇ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଏଥିସହ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡିରେ ଦର୍ଶନର ବ୍ୟବସ୍ଥା କରାଯିବାକୁ ଥିବାବେଳେ ୨୧ତାରିଖ ଠାରୁ ନେଗେଟିଭ ରିପୋର୍ଟ ଦର୍ଶନ ପାଇଁ ବାଧ୍ୟତା ମୂଳକ ନୁହେଁ। ସେହିପରି ପ୍ରତି ରବିବାର ସାଧାରଣ ଦର୍ଶନ ବନ୍ଦ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିଦିନ ଶ୍ରୀମନ୍ଦିର ସାନିଟାଇଜ କରାଯିବ। ଗତ ୨୬ ତାରିଖରୁ ଆଜି ପର୍ଯ୍ୟନ୍ତ ୧ଲକ୍ଷ ୨୫ହଜାର ୪୧୧ଜଣ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିଥିବାବେଳେ ଆଗାମୀ ଦିନରେ ୨୧ତାରିଖ ରୁ ପ୍ରତିଦିନ ପାଖାପାଖି ୩୦ ହଜାର ଭକ୍ତ ଦର୍ଶନ କରିବା ନେଇ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଆବଶ୍ୟକ ପଡିଲେ ଅଧିକ ଭକ୍ତ ଆସିଲେ ସ୍ୱତନ୍ତ୍ର ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯିବ ବୋଲି ପୁରୀ ଜିଲ୍ଲାପାଳ ବୈଠକ ପରେ ସୂଚନା ଦେଇଛନ୍ତି।

ପରୀ ମାମଲାରେ ଆସିଲା ଆଉ ଏକ ସାଂଘାତିକ ତଥ୍ୟ
ସରକାରଙ୍କ ତଦନ୍ତ ମନିଟରିଂ ଆବେଦନକୁ ହାଇକୋର୍ଟ ଦେଢ଼ମାସ ଆଗରୁ ଅଗ୍ରାହ୍ୟ କରି ସାରିଛନ୍ତି !

ନୟାଗଡ଼୧୭।୦୧ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡ଼ ଯଦୁପୁର ପରୀ ହତ୍ୟା ମାମଲାରେ ପୁଣି ନୂଆ ମୋଡ଼ ଦେଖାଦେଇଛି। ହାଇକୋର୍ଟଙ୍କ ଜଣେ ସିଟିଂ ଜଜଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପ୍ରସଙ୍ଗକୁ ନେଇ ପୁଣି ନୂଆ ଖୁଲାସା ସାମ୍ନାକୁ ଆସିଛି। ଏସ୍‌ଆଇଟି ତଦନ୍ତର ମନିଟର ପାଇଁ ରାଜ୍ୟ ସରକାର ଯେଉଁ ନିବେଦନ କରିଥିଲେ, ତାକୁ ହାଇକୋର୍ଟ ଦେଢ଼ ମାସ ଆଗରୁ ଅର୍ଥାତ୍ ଗତବର୍ଷ ଡିସେମ୍ବର ୧ ତାରିଖରେ ଅଗ୍ରାହ୍ୟ କରିଦେଇଥିବା ସୂଚନା ଅଧିକାରୀ ହେମନ୍ତ ପଣ୍ଡା ସୂଚନା ଦେଇଛନ୍ତି। ହାଇକୋର୍ଟର ଜନ ସୂଚନା ଅଧିକାରୀ ତଥା ଡେପୁଟୀ ରେଜିଷ୍ଟ୍ରାର ବି. ଦାଶ ଚିଠି ନଂ ଆର୍‌ଟିଆଇ -୧୩/୨୦୨୦/୬୯୬ ଯୋଗେ ସୂଚନା ଅଧିକାରୀ ହେମନ୍ତ ପଣ୍ଡାଙ୍କୁ ଗତ ୧୬ ତାରିଖରେ ଆଉ ଏକ ତଥ୍ୟ ପ୍ରଦାନ କରିଛନ୍ତି। ଯେଉଁଥିରେ ଉଲ୍ଲେଖ ହୋଇଛି ଯେ ଜଣେ ସିଟିଂ ଜଜଙ୍କ ମନିଟରିଂରେ ଏସ୍‌ଆଇଟି ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ▶▶ପୃଷ୍ଠା ୭

ସୂଚକାଙ୍କଗୁଡ଼ିକରେ ଓଡ଼ିଶା ଭଲ ସ୍ଥିତିକୁ ଆସିପାରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୧୭।୦୧ (ନି.ପ୍ର): ଅର୍ଥନୀତିର ପୁନଃସଂସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ସକ୍ରିୟ ପ୍ରୟାସ ଯୋଗୁଁ ପ୍ରମୁଖ ସୂଚକାଙ୍କଗୁଡ଼ିକରେ ଓଡ଼ିଶା ଭଲ ସ୍ଥିତିକୁ ଆସିପାରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଅର୍ଥନୈତିକ କାର୍ଯ୍ୟକଳାପର ଏକ ପ୍ରମୁଖ ସୂଚକାଙ୍କ ଭାବେ ପରିଗଣିତ ହେଉଥିବା ବାଣିଜ୍ୟ ପରିବହନ ବିଭାଗର ରାଜସ୍ୱ ଆଦାୟ ଗତ ୨୦୨୦ ଡିସେମ୍ବର ମାସରେ ୮ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

ଆସନ୍ତାକାଲି ଉଦ୍‌ଘାଟିତ ହେବ ସଡକ ସୁରକ୍ଷା ମାସ

ନୂଆଦିଲ୍ଲୀ୧୭।୦୧ (ନି.ପ୍ର): ସଡ଼କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଏବଂ ଭାରତରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଆସନ୍ତାକାଲି ଜାତୀୟ ସଡକ ସୁରକ୍ଷା ମାସ ମହୋତ୍ସବ ଉଦ୍ଘାଟିତ ହେବାକୁ ଯାଉଛି । ବିଜ୍ଞାନ ଭବନଠାରେ ଆସନ୍ତାକାଲି ଏହି ମହୋତ୍ସବର ଉଦ୍ଘାଟନୀ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଛି । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ତଥା ଏମଏସଏମଇ ମନ୍ତ୍ରୀ ଶ୍ରୀ ନିତିନ ଗଡକରୀ ଏହାକୁ ଉଦ୍ଘାଟନ କରିବେ । କେନ୍ଦ୍ର ସଡକ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଜେନେରାଲ (ଅବସରପ୍ରାପ୍ତ) ଶ୍ରୀ ଭି.କେ ସିଂ ଏବଂ ନୀତି ଆୟୋଗ ସିଇଓ ଶ୍ରୀ ଅମିତାଭ କାନ୍ତ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ । ଏହି ମାସିକିଆ କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ଉପରେ ଏକ ଚଳଚ୍ଚିତ୍ରର ଶୁଭାରମ୍ଭ, ଓ୍ୱାଘା ବର୍ଡରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏକ ଜାତୀୟ ଚାମ୍ପିଅନସିପ ସେଫ ସ୍ପିଡ ଚ୍ୟାଲେଞ୍ଜର ଶୁଭାରମ୍ଭ ଏବଂ ସଡକ ସୁରକ୍ଷା ପାଇଁ ପୁରସ୍କାର ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ରହିଛି । ରାଜ୍ୟ ସରକାର, ବେସରକାରୀ ସଂସ୍ଥା ଏବଂ ବୀମା କମ୍ପାନୀଗୁଡିକ ସେମିନାର, ଓ୍ୱାକାଥନ, ପୋଷ୍ଟର ତିଆରି ପ୍ରତିଯୋଗିତା ଦ୍ୱାରା ସଚେତନତା ସୃଷ୍ଟି କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିବେ ।

ହାଇକୋର୍ଟଙ୍କ ନାଁ ନେଇ ଡିଜିପି ରାଜ୍ୟବାସୀଙ୍କୁ ମିଥ୍ୟା କହିବା ଗୁରୁତର ଅପରାଧ :ଲେଖାଶ୍ରୀ

ବିଜେଡି ବିଧାୟକଙ୍କ ନାଁରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣାଯାଉ

ଭୁବନେଶ୍ୱର,୧୭।୦୧ (ନି.ପ୍ର): ନୟାଗଡ ଜିଲ୍ଲା ଯଦୁପୁର ଗାଁର ୫ ବର୍ଷର ଝିଅ ପରୀ ହତ୍ୟାକାଣ୍ଡ ଘଟଣାରେ ତଦନ୍ତ କରୁଥିବା ଏସଆଇଟି କୋର୍ଟ ମନିଟରିଂ ବୋଲି କହି ରାଜ୍ୟସରକାର ଓଡିଶାବାସୀଙ୍କୁ ବାରମ୍ବାର ଭ୍ରମିତ କରିଛନ୍ତି। ଏବେ ଉଚ୍ଚନ୍ୟାୟଳୟଙ୍କ ଠାରୁ ମିଳିଥିବା ଆରଟିଆଇ ପ୍ରଶ୍ନର ଉତରରୁ ଜଣାପଡିଛି ଯେ, ଉଚ୍ଚନ୍ୟାୟଳୟ ୧ ଡିସେମ୍ବର ୨୦୨୦ରେ ରାଜ୍ୟସରକାରଙ୍କୁ ସୂଚେଇ ଦେଇଥିଲେ ଯେ, ଏସଆଇଟିର ମନିଟରିଂ ସିଟିଂ ଜଜ୍‌ଙ୍କ ଦ୍ୱାରା ହୋଇପାରିବ ନାହିଁ। ଅର୍ଥାତ୍ ରାଜ୍ୟସରକାର ଦେଢମାସରୁ ଊର୍ଦ୍ଧ୍ୱ ସମୟ ହେଲା ଜାଣିଲେଣି ଯେ, ଏହି ଏସଆଇଟି ତଦନ୍ତ ହାଇକୋର୍ଟ ମନିଟରିଂ ହୋଇପାରିବ ନାହିଁ । ତଥାପି ବିଭିନ୍ନ ସମୟରେ ରାଜ୍ୟସରକାର ଓ ଶାସକ ଦଳର ବରିଷ୍ଠ ନେତା, ମନ୍ତ୍ରୀ ଓ ସାଂସଦ ମାନେ ବିଭିନ୍ନ ସମୟରେ ଏସଆଇଟି 'କୋର୍ଟ ମନିଟର୍ଡ' ବୋଲି କହିବା ଧର୍ତବ୍ୟ ଅପରାଧ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଗତ ୧୮ ଡିସେମ୍ବର ୨୦୨୦ରେ ଏକ ପ୍ରେସ ବିଜ୍ଞପ୍ତିରେ ଓଡିଶା ପୋଲିସ ମହାନିର୍ଦ୍ଦେଶକ ପରୀ ହତ୍ୟାକାଣ୍ଡ ଘଟଣାକୁ 'କୋର୍ଟ ମନିଟର୍ଡ' ବୋଲି ରାଜ୍ୟବାସୀଙ୍କ ଆଗରେ ମିଛ କହିଥିଲେ । ହାଇକୋର୍ଟଙ୍କ ନାଁ ନେଇ ଡିଜିପି ରାଜ୍ୟବାସୀଙ୍କୁ ମିଥ୍ୟା କହିବା ଗୁରୁତର ଅପରାଧ । ଶାସକ ଦଳ ଏସଆଇଟି ଓ ଉଚ୍ଚପଦସ୍ଥ ସରକାରୀ ଅଫିସରମାନେ ଉଚ୍ଚନ୍ୟାୟଳୟଙ୍କ ନାଁ ନେଇ ମଧ୍ୟ ଏହି ପ୍ରସଙ୍ଗରେ ମିଛ କହିଛନ୍ତି ।

▶▶ପୃଷ୍ଠା ୭

ଆସନ୍ତାକାଲିଠାରୁ ୫ଟି ସେସନରେ ହେବ ଟିକାକରଣ

ଭୁବନେଶ୍ୱର୧୭।୦୧ (ନି.ପ୍ର): କରୋନା ମହାମାରୀ ପାଇଁ ଶନିବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ଦିନକର ବ୍ରେକ୍ ପରେ ଆସନ୍ତାକାଲିଠାରୁ ପୁଣି ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବ। ତେବେ ସୋମବାରଠାରୁ ଟିକାକରଣ ବ୍ୟାପକ ଆରମ୍ଭ ହେବ। ସମସ୍ତ ମେଡିକାଲ୍ କଲେଜରେ ୫ଟି ସେସନରେ ଟିକାକରଣ ହେବ। ପ୍ରତି ସେସନରେ ୨ଶହ ଜଣଙ୍କୁ ଟିକା ଦିଆଯିବ। ସେହିପରି ରାଜ୍ୟର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ ଚିକିତ୍ସାଳୟରେ ଟିକାକରଣ ଲାଗି ଦୁଇଟି ସେସନ କରାଯିବ। ପ୍ରତି ସେସନରେ ଶହେ ଜଣ ଲେଖାଏଁ ଲୋକଙ୍କୁ ଟିକା ଦିଆଯିବ। କରୋନାକୁ ମାତ୍ ଦେବାକୁ ବ୍ୟାପକ ଟିକାକରଣର ପ୍ରଥମ ଦିନ ସୁରୁଖୁରୁରେ ଭ୍ୟାକ୍ସିନେସନ୍ ଶେଷ ହୋଇଛି। ରବିବାର ସତ୍ତ୍ୱେ ଆଜି କଟକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ବୈଠକ ବସିଥିଲା। ଆସନ୍ତାକାଲିଠାରୁ ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଥିବାରୁ ତାକୁ କିଭଳି ସଫଳତାର ସହ ସଂପନ୍ନ କରାଯିବ ସେନେଇ ସମସ୍ତ ମେଡିକାଲ୍ ଅଫିସର୍, ସିଡିଏମ୍‌ଓ ଏବଂ ସିଏମସି କମିଶନରଙ୍କ ସହ ଆଲୋଚନା କରିଛନ୍ତି କଟକ ଜିଲ୍ଲାପାଳ। ପ୍ରତି କେନ୍ଦ୍ରରେ ୨୦୦ ଜଣଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା କରାଯିବ। ସେହିପରି ପ୍ରତି ସେସନ୍ ସାଇଟରେ ଦୁଇ ଜଣ ଭ୍ୟାକ୍ସିନେଟର୍ ଓ ୪ ଜଣ ଟିକାକରଣ ଅଫିସରଙ୍କୁ ନିୟୋଜିତ କରାଯିବ।

▶▶ପୃଷ୍ଠା ୭

ଶୁଭ୍ରା କୁଣ୍ଡୁଙ୍କୁ ଭୁବନେଶ୍ୱର ଆଣିଲା ସିବିଆଇ

ଶୁଭ୍ରାଙ୍କ ସ୍ୱାମୀ ୨୦୧୫ରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି

ଭୁବନେଶ୍ୱର୧୭।୦୧ (ନି.ପ୍ର): ଭୁବନେଶ୍ୱରରେ ରୋଜଭ୍ୟାଲି ଚିଟଫଣ୍ଡ ମାମଲାରେ ଗିରଫ ଅଭିଯୁକ୍ତ ଶୁଭ୍ରା କୁଣ୍ଡୁ। ଶୁଭ୍ରାଙ୍କୁ କୋଲକାତାରୁ ଭୁବନେଶ୍ୱର ନେଇ ଆସିଛି ସିବିଆଇ। ଓଡ଼ିଶାରେ ରୋଜଭ୍ୟାଲି ଚିଟଫଣ୍ଡ ଠକେଇ ମାମଲା ନେଇ ତାଙ୍କୁ ପଚରାଉଚରା କରାଯିବ। ରାଜ୍ୟରେ କିପରି ଠକେଇ ହେଲା, ଏହାପଛରେ କିଏ କିଏ ଅଛନ୍ତି- ସେ ଦିଗକୁ ନେଇ ଖୋଳତାଡ଼ କରିବ ସିବିଆଇ। ଶୁଭ୍ରା କୁଣ୍ଡୁ ହେଉଛନ୍ତି ରୋଜଭ୍ୟାଲି ଗ୍ରୁପ୍ ଚେୟାରମ୍ୟାନ ଗୌତମ କୁଣ୍ଡୁଙ୍କ ସ୍ତ୍ରୀ। ତେଣୁ ତାଙ୍କ ନିକଟରୁ ଅଧିକ ତଥ୍ୟ ମିଳିବା ଅନୁମାନ କରି ତଦନ୍ତ କରୁଛି ସିବିଆଇ। ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ଶୁଭ୍ରାଙ୍କୁ ଦୁଇ ଦିନ ତଳେ ଗିରଫ କରିଥିଲା। ଅଧିକ ସୁଧ ଲୋଭ ଦେଖାଇ ଏହି ସଂସ୍ଥା ଜମାକାରୀଙ୍କଠାରୁ ସାରା ଦେଶରୁ ୧୨ ହଜାର କୋଟିର ଠକେଇ କରିଛି। ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୌତମ କୁଣ୍ଡୁ ଗତ ୨୦୧୫ ମାର୍ଚ୍ଚରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି।

ବିଭିନ୍ନ ସ୍କୁଲ ପରିଦର୍ଶନ କଲେ ୫-ଟି ସଚିବ

ଭୁବନେଶ୍ୱର୧୭।୦୧ (ନି.ପ୍ର): ଫାଇଭ ଟି ସଚିବ ଭିକେ ପାଣ୍ଡିଆନଙ୍କ ରବିବାର ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି। ସଣ୍ଢେ କ୍ଲାସ ପୂର୍ବରୁ ସେ ସ୍କୁଲ ଗୁଡିକର ଭିତ୍ତିଭୂମିର ତଦାରଖ କରିବା ସହ ମୋ ସ୍କୁଲ କାର୍ଯ୍ୟକ୍ରମ କିପରି ଚାଲିଛି ଓ ଏହାକି କିପରି ଭଲ କରାଯାଇ ପାରେ ସେ ନେଇ ଆଲୋଚନା କରିଛନ୍ତି । ଶ୍ରୀ ପାଣ୍ଡିଆନ ରବିବାର କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୬, ୟୁନିଟ୍-୧, ଆଇଆରସି ଭିଲେଜ୍ ଓ

▶▶ପୃଷ୍ଠା ୭

କାର୍ କିଣିବାକୁ ଭୁବନେଶ୍ୱର ଯାଉଥିଲେ: ଚଢ଼ିଗଲା କଣ୍ଟେନର

ଯାଜପୁର୧୭।୦୧ (ନି.ପ୍ର): କାର୍ କିଣିବାକୁ ବାଇକ୍‌ରେ ଯାଉଥିଲେ ଭୁବନେଶ୍ୱର। ହେଲେ ବାଟରେ ଚଢ଼ିଗଲା କଣ୍ଟେନର। ଆଉ ଚାଲିଗଲା ଯୁବକଙ୍କ ଜୀବନ। ଶନିବାର ଏମିତି ଏକ ଘଟଣା ଘଟିଛି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ନିକଟରେ। ମୃତ ଯୁବକଙ୍କ ନାଁ ଅଜିତ୍ ବିଶ୍ୱାଳ। ସେ ଆନ୍ଧ୍ର ବ୍ୟାଙ୍କର ବାଲେଶ୍ୱର ମୁଖ୍ୟ ଶାଖାରେ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ବାଲେଶ୍ୱର ଜିଲ୍ଲା କୁପାରୀ ଥାନା ଅନ୍ତର୍ଗତ ଶୂଦ୍ୟମନ୍ଦିର ଗାଁରେ। ସେ ୪ ବର୍ଷ ତଳେ ବିବାହ କରିଥିଲେ ଓ ତାଙ୍କର ୪ ମାସର ଏକ ଶିଶୁପୁତ୍ର ଅଛି। ସୂଚନା ଅନୁଯାୟୀ, ଅଜିତ୍ ନଗଦ ୪ ଲକ୍ଷ ଟଙ୍କା ଧରି କାର୍ କିଣିବା ପାଇଁ ଭୁବନେଶ୍ୱର ଯାଉଥିଲେ। ବ୍ରଜନଗର ନିକଟରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ କଣ୍ଟେନର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ତା'ସହିତ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କଣ୍ଟେନରଟି ଦୁର୍ଘଟଣା ଘଟାଇ ଫେରାର ହୋଇଯାଉଥିବା ବେଳେ ପାଣିକୋଇଲି ପୁଲିସ୍ ଏହାକୁ ଧରିଥିଲେ। ପାଣିକୋଇଲି ଟୋଲଗେଟ ନିକଟରେ ପୁଲିସ୍ କଣ୍ଟେନରଟିକୁ ଧରିଥିଲା। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲେ।

ମୁଖ୍ୟମନ୍ତ୍ରୀ ଏକ ନମ୍ବର ହେଲେ ରାଜ୍ୟ ଏବେବି ପଛୁଆ

ରାଜ୍ୟରେ ଜଳସେଚନର ବାସ୍ତବ ସ୍ଥିତି ନେଇ ମିଥ୍ୟା ତଥ୍ୟ ପ୍ରଦାନ କରୁଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର,୧୭।୦୧ (ନି.ପ୍ର): ରାଜ୍ୟରେ ଜଳସେଚନ ସମ୍ପର୍କରେ ରାଜ୍ୟ ସରକାର ମିଛ କହୁଛନ୍ତି ବୋଲି ରବିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ ଅଭିଯୋଗ କରିଛନ୍ତି। ଗତ କୋଡିଏ ବର୍ଷ ମଧ୍ୟରେ ଇନ୍ଦ୍ରାବତୀର ମାତ୍ର ୨୦% ଜମିକୁ ଜଳସେଚନ କରାଯାଇ ସରକାର ବାହାଦୁରୀ ନେଉଛନ୍ତି। ଦେଶର ନଂ-୧ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ରାଜ୍ୟ ଏବେବି ଦେଶର କୌଣସି ଗୋଟିଏ ଉତ୍ପାଦନରେ ପ୍ରଥମ ୪ଟି ରାଜ୍ୟ ଭିତରେ ସ୍ଥାନିତ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି। ଓଡ଼ିଶାରେ କୃଷି ଉପଯୋଗୀ ଜମିର ପରିମାଣ ୬୪ଲକ୍ଷ ହେକ୍ଟର ଜମି ଅର୍ଥାତ୍ ସେଥିରୁ ୨୦୧୩-୧୪ରେ ହିସାବ ଅନୁଯାୟୀ ୫୪.୨୪ଲକ୍ଷ ହେକ୍ଟର ଜମିର ଚାଷ ହୋଇଥିଲା। ସରକାରୀ ହିସାବରେ ଖରିଫ ଋତୁରେ ୨୨.୫୪ ଲକ୍ଷ ହେକ୍ଟର ଜମିରେ ଅର୍ଥାତ ଭଲ ବର୍ଷାଥିଲେ ଏହିପରିମାଣରେ ଜଳସେଚନ ହୁଏ। ଅନାବୃଷ୍ଟି ସମୟରେ ଆବଶ୍ୟକ ଜଳ ଅଭାବରୁ ଫସଲ କମ୍ ହୁଏ ଏବଂ ଏହି ଜଳସେଚନ ପରିମାଣ ୩୦%ରୁ କମିଯାଏ। ରବି ଋତୁରେ ମାତ୍ର ୧୩ଲକ୍ଷ ହେକ୍ଟର ବା ୨୦% ଜମିରେ ଜଳସେଚନ ବ୍ୟବସ୍ଥା ହୁଏ। ଖରାଦିନରେ ମାତ୍ର ୩% ବା ଅତି ବେଶିହେଲେ ୧.୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ହୁଏ। ନବୀନ ବାବୁ ସରକାରକୁ ଆସିବାପରେ ଜଳସେଚନ ପ୍ରକଳ୍ପ ମାତ୍ର ୪୯.୨୮% ବ୍ୟବହାର ହୋଇଛି, ଯାହାକି ସରକାର ଦାୟିତ୍ୱ ନେବାବେଳେ ୫୮.୯୫%ଥିଲା। ଗତ ୨୦ ବର୍ଷରେ ଇନ୍ଦ୍ରାବତୀ, ହୀରାକୁଦ, ରେଙ୍ଗାଲି, କୋଲାବ ଆଦିର ଜଳଧାରଣ କ୍ଷମତା ବଢ଼ିଛି ନା କମିଛି ?

▶▶ପୃଷ୍ଠା ୭

ଗୋଟିଏ ଦିନରେ ୧୮୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୭।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୩୩୧୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୯୩୧୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୦୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୮୩ ଜଣଙ୍କ ମଧ୍ୟରୁ ୧୦୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା

୨୧ ପାର୍ବଣ ବିଶେଷ ଟ୍ରେନ ଚଳାଚଳ ଅବଧି ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୧୭।୧ (ନି.ପ୍ର): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ୨୧ ଟି ଯୋଡ଼ା ବିଶେଷ ଟ୍ରେନ ଗୁଡିକର ଚଳାଚଳ ଅବଧିକୁ ୨୦୨୧ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ବୃଦ୍ଧିକରାଯାଇଛି । ଏହି ଟ୍ରେନ୍ ଗୁଡିକ ମଧ୍ୟରେ ରହିଛି ୦୨୮୧୯/୦୧୮୨୦ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ବିଶେଷ ଟ୍ରେନ , ୦୨୮୮୦/୦୨୮୭୯ ଭୁବନେଶ୍ୱର-ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ-ଭୁବନେଶ୍ୱର ବିଶେଷ ଟ୍ରେନ , ୦୮୪୭୯/୦୮୪୮୦ ଭୁବନେଶ୍ୱର-ତିରୁପତି-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ୍ , ୦୨୮୩୯/୦୨୮୪୦ ଭୁବନେଶ୍ୱର-ଚେନ୍ନାଇ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ , ୦୨୮୪୫/୦୨୮୪୬ ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଂଟ-ଭୁବନେଶ୍ୱର ସାପ୍ତାହିକ ସ୍ପେଶାଲ , ୦୨୮୯୮/୦୨୮୯୭ ଭୁବନେଶ୍ୱର-ପୁଡୁଚେରୀ-ଭୁବନେଶ୍ୱର ସାପ୍ତାହିକ, ୦୮୪୯୬/୦୮୪୯୫ ଭୁବନେଶ୍ୱର-ରାମେଶ୍ୱରମ୍-ଭୁବନେଶ୍ୱର , ୦୮୩୦୬/୦୮୩୦୫ ସମ୍ବଲପୁର-ହାଓଡ଼ା-ସମ୍ବଲପୁର ସାପ୍ତାହିକ , ୦୮୩୧୧/୦୮୩୧୨ ସମ୍ବଲପୁର-ମାଣ୍ଡୁଆଡିହ-ସମ୍ବଲପୁର ଦ୍ୱି-ସାପ୍ତାହିକ ସ୍ପେଶାଲ, ୦୮୪୪୯/୦୮୪୫୦ ପୁରୀ-ପାଟନା-ପୁରୀ ସ୍ପେଶାଲ। ସେହିପରି ୦୮୪୧୯/୦୮୪୨୦ ପୁରୀ-ଜୟନଗର-ପୁରୀ ସ୍ପେଶାଲ, ୦୨୮୨୭/୦୨୮୨୮ ପୁରୀ-ସୁରଟ-ପୁରୀ , ୦୨୮୬୬/୦୨୮୬୫ ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ -ପୁରୀ ସାପ୍ତାହିକ ବିଶେଷ ଟ୍ରେନ. ୦୨୮୫୯/୦୨୮୬୦ ପୁରୀ-ଚେନ୍ନାଇ-ପୁରୀ ସ୍ପେଶାଲ୍ , ୦୨୮୫୧/୦୨୮୫୨ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ଦ୍ୱି-ସାପ୍ତାହିକ ସ୍ପେଶାଲ୍ ,୦୨୮୮୭/୦୨୮୮୮ ବିଶାଖାପାଟନମ୍-ନିଜାମୁଦ୍ଦିନ-ବିଶାଖାପାଟନମ୍ ସ୍ପେସାଲ୍ , ୦୨୮୬୯/୦୨୮୭୦ ବିଶାଖାପାଟନମ୍-ଚେନ୍ନାଇ-ବିଶାଖାପାଟନମ୍ ସ୍ପେଶାଲ୍ , ୦୨୮୫୭/୦୨୮୫୮ ବିଶାଖାପାଟନମ୍- ଏଲଟିଟି-ବିଶାଖାପାଟନମ୍ ସ୍ପେଶାଲ୍ , ୦୮୫୦୧/୦୮୫୦୨ ବିଶାଖାପାଟନମ୍-ଗାନ୍ଧୀଧାମ-ବିଶାଖାପାଟନମ୍ , ୦୭୪୮୮/୦୭୪୮୭ ବିଶାଖାପାଟନମ୍-କଡପା-ବିଶାଖାପାଟନମ୍ ସ୍ପେଶାଲଏବଂ ୦୧୮୩୨/୦୨୮୩୨ ବିଶାଖାପାଟନମ୍-ଲିଙ୍ଗମପଲ୍ଲୀ-ବିଶାଖାପାଟନମ୍ ସ୍ପେଶାଲର ଅବଧି ବୃଦ୍ଧି କରାଯାଇଛି।

ଆସନ୍ତା ୨୦ରୁ ରାଜ୍ୟସ୍ତରିୟ ଶିଶୁ ସମ୍ପର୍କ ଯାତ୍ରା ଓ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ପୁରୀ,୧୭।୧ (ନି.ପ୍ର): କୋଭିଡ୍ ପରବର୍ତ୍ତି ସ୍ଥିତିରେ ପିଲାଙ୍କ ଅବସ୍ଥାରେ ଅନୁଧ୍ୟାନ ପାଇଁ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆସନ୍ତା ୨୦ ତାରିଖ ଠାରୁ ରାଜ୍ୟ ସ୍ତରିୟ ଶିଶୁ ସମ୍ପର୍କ ଯାତ୍ରା ଆରମ୍ଭ କରିବେ । ଏକ୍ସନ ଏଡ ଓ ଚାଇଲ୍ଡ ଫଣ୍ଡ ଇଣ୍ଡିଆର ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଏହି ଦିନ ପୁରୀ ଠାରେ ଉଦଘାଟିତ ହେବା ସହ ପରବର୍ତ୍ତି ଦିନ ମାନଙ୍କରେ ଢ଼େଲାଙ୍ଗ, କଣାସ ଓ ପିପିଲି ଠାରେ ଅଭିଯୋଗ ଶୁଣାଣି ଆୟୋଜିତ ହେବ । ଏ ସମ୍ପର୍କରେ ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, କୋଭିଡ୍ ମହାମାରୀ ଆମ ପିଲାମାନଙ୍କୁ ବହୁଳ ଭାବେ ପ୍ରଭାବିତ କରିଛି । ବିଦ୍ୟାଳୟ ଗୁଡିକ ବନ୍ଦ ରହିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା ବ୍ୟାହତ ହେବା ସହିତ ଦୀର୍ଘ ଦିନ ଧରି ଘରେ ଆବଦ୍ଧ ହୋଇ ରହିବାକୁ ପଡୁଥିବାରୁ ଏହା ସେମାନଙ୍କର ମାନସିକ ସ୍ଥିତିକୁ ମଧ୍ୟ ପ୍ରଭାବିତ କରିଛି । ଘରର ଆୟ ପ୍ରଭାବିତ ହେବାରୁ ମଧ୍ୟ ଏହାର ପ୍ରଭାବ ପିଲାଙ୍କ ଉପରେ ପଡିଛି । ଏଭଳି ସ୍ଥିତିରେ ପିଲାଙ୍କ ସହିତ ଯୋଡି ବେହା ସହିତ ସେମାନଙ୍କୁ ଆବଶ୍ୟକ ମୁତାବକ ସହାୟତା ପହଂଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏକ୍ସନ ଏଡ୍ ର କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା କହିଛନ୍ତି ଯେ, ଏହି ଅଭିଯାନ ଦ୍ୱାରା ପିଲାଙ୍କ ଅଧିକାରର ସୁରକ୍ଷାକୁ ବଳ ମିଳିବ । ଏହାଦ୍ୱାରା ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢିବ ଓ ସେମାନଙ୍କ ପାଖକୁ ଆବଶ୍ୟକୀୟ ସାଧନ ପହଂଚିପାରିବ । ୨୦ ତାରିଖରେ କାର୍ଯ୍ୟକ୍ରମ ଉଦଘାଟିତ ହେବା ସହ ଜିଲ୍ଲାସ୍ତରିୟ ତଦାରଖ ବୈଠକ ଅନୁଷ୍ଠିତ ହେବ । ପରେ ରାତିରେ ପୁରୀ ସହରରେ ବାସହୀନଙ୍କ ସ୍ଥିତିରେ ଅନୁଧ୍ୟାନ କରାଯିବ । ୨୧ ତାରିଖରେ ଢ଼େଲାଙ୍ଗ ଠାରେ ଅଭିଯୋଗ ଶୁଣାଣି କରାଯିବା ସହ ପୋଲିସ ଷ୍ଟେସନ, ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିବେ । ସେହିପରି ୨୨ ତାରିଖରେ କଣାସ ଓ ପିପିଲି ଠାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ସ୍ଥାନୀୟ ଅଂଚଳର ଶିଶୁ ଅଧିକାର ହନନ ସମ୍ପର୍କିତ ସମସ୍ତ ଅଭିଯୋଗ ଏଠାରେ ଗ୍ରହଣ କରାଯିବ । ଏଣୁ ବ୍ୟାପକ ସଂଖ୍ୟାରେ ପିଲା ମାନେ ଓ ସେମାନଙ୍କର ଅଭିଭାବକ ଏଥିରେ ଯୋଗଦେବାକୁ ନିବେଦନ କରାଯାଇଛି । ସମସ୍ତେ କୋଭିଡ୍ ନିୟମର ଅନୁପାଳନ କରିବାକୁ ମଧ୍ୟ ଆୟୁକ୍ତ ପକ୍ଷରୁ ଅନୁରୋଧ କରାଯାଇଛି ।

ରଘୁନାଥ ମିଶ୍ରଙ୍କ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର,୧୭।୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସରେ ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ରଙ୍କ ରଚିତ ପୁସ୍ତକ 'ସଜଳ ସ୍ମୃତି ସାଢଁଟା ସମ୍ପତି 'ର ଉନ୍ମୋଚନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଦୀର୍ଘ ପ୍ରଶାସନିକ ଅନୁଭୂତିକୁ ଲେଖା ମାଧ୍ୟମରେ ଲେକଙ୍କ ନିକଟରେ ପହଂଚାଇବା ପାଇଁ ସଫଳତା କାମନା କରିଥିଲେ। ସୂଚନଯୋଗ୍ୟଯେ ଶ୍ରୀ ରଘୁନାଥ ମିଶ୍ର ତାଙ୍କର ଦୀର୍ଘ ପ୍ରଶାସନିକ କାର୍ଯ୍ୟକାଳ ମଧ୍ୟରେ କଟକ, ଖୋର୍ଦ୍ଧା ଜିଲ୍ଲାପାଳ ସହିତ ବିଧାନସଭାର ସଚିବ ଭାବେ କାର୍ଯ୍ୟ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲା ପାଇକ ମହାସଂଘ

ଭୁବନେଶ୍ୱର,୧୭।୧ (ନି.ପ୍ର): ଜାତୀୟ ଗଣମାଧ୍ୟମ ଏବିପି ନ୍ୟୁଜ ଓ ସି-ଭୋଟର ସର୍ଭେ ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହି ମର୍ମରେ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ଶନିବାର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଏବଂ ରାଜ୍ୟର ସମସ୍ତ କର୍ମକର୍ତା ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ଅବସରରେ ପାଇକ ମହାସଂଘ ରାଜ୍ୟ ସଂଯୋଜକ କେଦାର ଦାଶ, ଉପଦେଷ୍ଟା ବିଭୂତି ସ୍ୱାଇଁ, ଖୋର୍ଦ୍ଧାଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ପାଇକ ସର୍ଦ୍ଦାର ରଞ୍ଜନ ବଳିୟାରସିଂ, ଉପସଭାପତି ଭୀମ ପାଇକରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

ବାଣୀଚିତ୍ର ସମ୍ପାଦକଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୭।୧ (ନି.ପ୍ର): ବରିଷ୍ଠ ଚଳଚ୍ଚିତ୍ର ସାମ୍ବାଦିକ ତଥା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକ ପରୀକ୍ଷିତ ଜେନାଙ୍କ ଆକସ୍ମିକ ବିୟୋଗରେ 'ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍' ଏବଂ 'ସଂସ୍କୃତି ଓ ସଂସ୍କୃତି' ଏକ ଶୋକ ସଭା ବୁଦ୍ଧ ମନ୍ଦିର ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତା କ୍ଷେତ୍ରରେ ପରୀକ୍ଷିତ ବାବୁଙ୍କର ନିରବଚ୍ଛିନ୍ନ ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । 'ବାଣୀଚିତ୍ର'କୁ ଏକ ଅଗ୍ରଣୀ ଚଳଚ୍ଚିତ୍ର ପତ୍ରିକା ରୂପେ ପ୍ରତିଷ୍ଠିତ କରିବା ଦିଗରେ ସେ ଯେଉଁ ଅବଦାନ ଦେଇଯାଇଛନ୍ତି, ତାହା ସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତପ୍ରକାଶ କରିଥିଲେ ।

ରାଜ୍ୟ ଜନଜାତି ସଂଗ୍ରହାଳୟ ଭର୍ଚୁଆଲ୍ ଟୁର୍‌ରେ ଆଜି ଲାଞ୍ଜିଆ ସଉରାଙ୍କ ପୋଷାକ

ଭୁବନେଶ୍ୱର,୧୭।୧ (ନି.ପ୍ର): ଆସନ୍ତାକାଲି (ରବିବାର) ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଦର୍ଶକମାନେ ଭିଡ଼ିଓ ଯୋଗେ ଲାଞ୍ଜିଆ ସଉରାଙ୍କ ପୋଷାକ ସଂପର୍କରେ ଜାଣିପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଲାଞ୍ଜିଆ ସଉରା ଜନଜାତି ସଂପ୍ରଦାୟ ମୁଖ୍ୟତଃ ବସବାସ କରିଥାନ୍ତି । ଏହି ଜନଜାତି ପୁରୁଷମାନେ ସେମାନଙ୍କର ନିଆରା ପୋଷାକ ଯୋଗୁଁ ଚିହ୍ନା ପଡ଼ନ୍ତି । ସେମାନେ ସୂତା ଲୁଗା ସହ ସେମାନଙ୍କର ଧଳା ଲିଓନ କପଡ଼ାରେ ନାଲି ଧଡ଼ି 'ଆରସି ଓଲେକାନ' ପରିଧାନ କରିଥାନ୍ତି। ପୃଷ୍ଠଭାଗ ଲୁଗା ଲାଞ୍ଜ କିମ୍ବା ଲାଞ୍ଜିଆ ଭଳି ପରିଧାନ କରାଯାଇଥାଏ । ଏହି ସଂପ୍ରଦାୟ ବସ୍ତ୍ର ଝୁଲାଇ ପରିଧାନ କରୁଥିବାରୁ ସେମାନଙ୍କୁ ଲାଞ୍ଜିଆ ସଉରା ନାମରେ ନାମିତ କରାଯାଇଛି। ସ୍ଥାନୀୟ ବଜାରରୁ ଏହି ସଂପ୍ରଦାୟର ପୁରୁଷମାନେ ଅଳ୍ପ ଅଳଙ୍କାର ପିନ୍ଧିଥାନ୍ତି। ଉତ୍ସବ ପାଳନ ସମୟରେ ସେମାନେ ମୁଣ୍ଡରେ ଧଳାପର ଗୁଚ୍ଛ ଓ ସୂତୁଲିରେ ଘଂଟି ବାନ୍ଧି ନାଲି ବସ୍ତ୍ରର ଉପରେ ଶରୀରର ଉପର ଭାଗରେ ସଜେଇ ହୋଇଥାନ୍ତି । ମହିଳାମାନଙ୍କର ଧଳା ସୂତା ସ୍କାର୍ଟ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ। ଲାଞ୍ଜିଆ ସଉରା ମହିଳାମାନେ ଶରୀରର ଉପର ଭାଗକୁ ଆଉ ଏକ ବସ୍ତ୍ର କିମ୍ବା ନୂତନ ବ୍ଲାଉଜ୍ ବ୍ୟବହାର କରିଥାନ୍ତି। ଏହି ସାଧାରଣ ପୋଷାକରେ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଲାଞ୍ଜିଆ ସଉରା ଜନଜାତି ମହିଳାମାନେ କାଠରେ ତିଆରି କାନ ପ୍ଲଗ୍ ପିନ୍ଧିଥାନ୍ତି। ଏହା ସେମାନଙ୍କୁ ଶବ୍ଦରୁ ସୁରକ୍ଷା ଦେଇଥାଏ। ସେମାନେ ମୁଣ୍ଡରେ ଏକ ବନ୍ ପିନ୍ ପରିଧାନ କରିଥାନ୍ତି ଓ ତାହାକୁ ଅସ୍ତ୍ର ଭାବେ ମଧ୍ୟ ବ୍ୟବହୃତ କରାଯାଇଥାଏ। ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସେମାନେ ଅନେକ ଚେନ୍ ବ୍ୟବହାର କରିଥାନ୍ତି। ଲାଞ୍ଜିଆ ସଉରା ଜନଜାତି ମହିଳାମାନେ ହାର ଓ ଆଙ୍କଲେଟ୍ ପରିଧାନ କରିଥାନ୍ତି। ବହୁ ପୂର୍ବରୁ ସେମାନେ ମଧ୍ୟରେ ମୁହଁରେ ଚିତା କୁଟାଉଥିଲେ।

ଜନଜାତି ଡିଜିଟାଲ ପତ୍ରିକା 'ଆମ ଜନଜାତି' ଲୋକାର୍ପିତ

ଭୁବନେଶ୍ୱର,୧୭।୧ (ନି.ପ୍ର): ଓଡ଼ିଶାର ପ୍ରଥମ ନିଶୁଳ୍କ ଜନଜାତି ଡିଜିଟାଲ ପତ୍ରିକା 'ଆମ ଜନଜାତି'ର ଦ୍ୱିତୀୟ ସଂସ୍କରଣ ଭର୍ଚୁଆଲ୍ ମୋଡ୍ ରେ ଲୋକାର୍ପିତ ହୋଇଛି। ପୂର୍ବତନ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଉପସ୍ଥିତ ରହି ପତ୍ରିକାର ଲୋକାର୍ପଣ କରିବା ସହ 'ଶୁଭଦୃଷ୍ଟି' ର ଏହି ଅଭିନବ ପ୍ରୟାସ କୁ ସ୍ୱାଗତ କରିଛନ୍ତି । ଟ୍ରାଇବାଲ ଫ୍ରେଣ୍ଡସ ଓଡ଼ିଶା, ଇଣ୍ଡିଜେନସ ହେରିଟେଜ ଟେଲସ ଏବଂ ଶୁଭଦୃଷ୍ଟିର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଆମ ଜନଜାତି ଡ଼ିଜିଟାଲ ପତ୍ରିକା ଓଡ଼ିଶାରେ ରହୁଥିବା ୬୨ ପ୍ରକାର ଜନଜାତିଙ୍କ ଲୋକକଥା, ସଂସ୍କୃତି, ପରମ୍ପରା, ଜୀବନଶୈଳୀକୁ ସମସ୍ତଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ପ୍ରକାଶିତ କରାଯାଇଛି। ଟୁସୁ ପର୍ବ, ଓଡ଼ିଶାରେ ଜନଜାତି ମହିଳାଙ୍କ ସ୍ଥିତି, ଆଦିବାସୀଙ୍କ ଧର୍ମ, ବାଥୁଡ଼ି ଲୋକଗୀତ ଇତ୍ୟାଦି ପ୍ରସଙ୍ଗ ସ୍ଥାନିତ ହୋଇଛି। ଆମ ଜନଜାତି ର ପ୍ରଥମ ସଂସ୍କରଣ ପ୍ରସ୍ତୁତିରେ ସାହାଯ୍ୟ କରିଥିବା ଟ୍ରାଇବାଲ ଫ୍ରେଣ୍ଡସ ଓଡ଼ିଶା ର ଦିବଂଗତ ପରିଚାଳନା ସମ୍ପାଦକ ମହର୍ଷି ରଞ୍ଜନ ଶବରଙ୍କ ସ୍ମୃତିଚାରଣ କରାଯିବା ସହ ସାନ୍ତାଳୀ ସାହିତ୍ୟରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଲେଖକ ଗୋବିନ୍ଦ ମାଝୀ ଓ ଭାରତୀୟ ହକି ଦଳର କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ପରଲୋକ ସ୍ମୃତିରେ ସ୍ୱତନ୍ତ୍ର ଅନୁଚ୍ଛେଦ ପ୍ରକାଶ ପାଇଛି।

ମାଳତୀ କହଁରଙ୍କ ସମ୍ପାଦନାରେ ପ୍ରକାଶ ପାଇଛି ଆମ ଜନଜାତି ର ଦ୍ୱିତୀୟ ସଂସ୍କରଣ। ଏଥି ସହିତ ତାଙ୍କୁ ସମ୍ପାଦନାରେ ସହଯୋଗ କରିଛନ୍ତି ଶୁଭଦୃଷ୍ଟିର ପ୍ରତିଷ୍ଠାତା ସମ୍ପାଦକ ଏ ପି ଶୁଭକାନ୍ତ ଏବଂ ବିଶିଷ୍ଟ ଯୁବ ସ୍ତମ୍ଭକାର ଅଂଶୁମାନ ମହାରଣା। ଚିତ୍ରଶିଳ୍ପୀ ଶାଶ୍ୱତ ଦେବଦତ ପତ୍ରିକାର ପ୍ରଚ୍ଛଦରେ ପ୍ରକାଶିତ ଟୁସୁଦେବୀଙ୍କର ଚିତ୍ର ଅଙ୍କନ କରିଛନ୍ତି। ଏହି ପତ୍ରିକାଟି amajanajaati.shubhdristi.in ସାଇଟରେ ଯାଇ ପଢିହେବ।

ସେଲରୁ ଫୁଜି ପ୍ରତ୍ୟାହାର ଓ ଘରୋଇକରଣ ପ୍ରସ୍ତାବକୁ ସିଆଇଟିୟୁର ବିରୋଧ

ଭୁବନେଶ୍ୱର,୧୭।୧ (ନି.ପ୍ର): ସେଲ୍ କମ୍ପାନୀ ଭାରତ ସରକାରଙ୍କ ଏକ ଲାଭଦାୟକ ରାଷ୍ଟ୍ରାୟତ ନବରତ୍ନ ସଂସ୍ଥା ନାମରେ ନାମିତ ହୋଇଛି । ୧୯୫୪ ମସିହାଠାରୁ ସ୍ଥାପିତ ହୋଇଥିବା ସେଲରେ ପର୍ଯ୍ୟାୟକ୍ରମେ ୨,୪୦,୦୦୦ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଥିଲେ । ଆକଳନ ଅନୁସାରେ ବାର୍ଷିକ ୧୬.୩୦ ମିଲିୟନ ଟନ୍ ଇସ୍ପାତ୍ ଉତ୍ପାଦନ କରି ସାରା ବିଶ୍ୱରେ ସେଲ ୨୦ତମ ସ୍ଥାନରେ ରହିଥିବା ବେଳେ ଭାରତବର୍ଷରେ ୧ ନମ୍ବର ସ୍ଥାନରେ ରହି ଆସିଛି । ଆସନ୍ତା ୨୦୨୫ ମସିହା ସୁଦ୍ଧା ସେଲ୍‌ରେ ୫୦ ମିଲିୟନ ଟନ୍ ଉତ୍ପାଦନ କ୍ଷମତା କରିବା ପାଇଁ ଯୋଜନା ଥିଲା ବେଳେ କେନ୍ଦ୍ରର ମୋଦୀ ସରକାର ସେଲ ଭଳି ଏକ ଲାଭଦାୟକ ରାଷ୍ଟ୍ରୀତ ସଂସ୍ଥାରୁ ଫୁଜି ପ୍ରତ୍ୟାହାର ଆଳରେ ଜାତୀୟ ସମ୍ପତିକୁ ଦେଶୀ ବିଦେଶୀ ଘରୋଇ କର୍ପୋରେଟ୍ ମାନଙ୍କ ହାତରେ ଶାଗ ମାଛ ମୂଲ୍ୟରେ ଟେକି ଦେବାର ପ୍ରୟାସକୁ ସିଆଇଟିୟୁ ରାଜ୍ୟ କମିଟି ତରଫରୁ ବିରୋଧ କରାଯାଇଛି । ଭାରତବର୍ଷରେ ସେଲର ନିଜସ୍ୱ ଇସ୍ପାତ କାରଖାନା ଭିଲାଇ, ରାଉରକେଲା, ଦୁର୍ଗାପୁର, ବୋକାରୋ ଓ ବର୍ଣ୍ଣପୁରରେ ରହିଥିବା ବେଳେ ୩ଟି ଉନ୍ନତମାନର କାରଖାନା ସାଲେମ, ଦୁର୍ଗାପୁର ଓ ଭଦ୍ରାବତୀରେ ରହିଛି । ବର୍ତମାନ ସୁଦ୍ଧା ସେଲରେ କେନ୍ଦ୍ର ସରକାରଙ୍କର ୭୫% ଅଂଶଧନ ଥିଲା ବେଳେ ପୁଣି ୧୦% ପୁଂଜି ପ୍ରତ୍ୟାହାର କରି ୬୫%କୁ ଆଣିବା ସମ୍ପୂର୍ଣ୍ଣ ଦେଶ ବିରୋଧି, ଜନବିରୋଧି ଅଟେ । କେନ୍ଦ୍ର ସରକାରଙ୍କ ଏହି ଘରୋଇକରଣ ପ୍ରକ୍ରିୟା ଯୋଗୁ ୨୦୨୦ ମସିହା ସୁଦ୍ଧା ସେଲରେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ୬୮,୭୪୨କୁ ହ୍ରାସ ପାଇଛି ଓ ସଂସ୍ଥା ଗୁରୁତର ଆର୍ଥିକ ଅନାଟନ ଦେଇ ଗତି କରୁଛି । କେନ୍ଦ୍ରର ମୋଦୀ ସରକାରଙ୍କ ଏଭଳି ଜନବିରୋଧି, ଦେଶ ବିରୋଧି ନୀତିକୁ ବିରୋଧ କରିବା ସହିତ ଭାରତବର୍ଷର ସାଧାରଣ ଜନଗଣ, ଶ୍ରମିକ ଶ୍ରେଣୀ ଓ ଶ୍ରମିକ ସଂଗଠନ ମାନେ ବିରୋଧ କରିବା ସହିତ ଇସ୍ପାତ ଶିଳ୍ପର ଶ୍ରମିକ ମାନଙ୍କ ଆନ୍ଦୋଳନରେ ସାମିଲ ହୋଇ ସ୍ୱର ଉତୋଳନ କରିବାକୁ ସିଆଇଟିୟୁ ରାଜ୍ୟ କମିଟି ତରଫରୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସର୍ବ ଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ମହାନ୍ତି ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ରାପଡା ଜିଲ୍ଲା ପବ୍ଲିକ ରାଇଟସ୍ ଆସୋସିଏସନ ବୈଠକ

କେନ୍ଦ୍ରାପଡ଼ା,୧୭।୧ (ନି.ପ୍ର): ପବ୍ଲିକ ରାଇଟସ୍ ଆସୋସିଏସନ କେନ୍ଦ୍ରାପଡା ଜିଲ୍ଲା ଶାଖାର ବୈଠକ କେନ୍ଦ୍ରାପଡାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ରିଙ୍ଗି ରୁମ ପରିସର ରେ ଶନିବହାର ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସଭାପତି କେଦାରନାଥ ସାମନ୍ତରାୟ, ସଂପାଦକ ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ପ୍ରମୋଦ ବଳ, ସୁଜାତା ଦାସ, ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ବିଚାର ଆଲୋଚନା କରିଥିଲେ । ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରି ନ୍ୟାୟ ପ୍ରଦାନ କରିବା ଆସନ୍ତା ମାସରେ ହେବାକୁ ଥିବା ମହୋତ୍ସବକୁ ସଫଳ କରିବା ପାଇଁ ସାଙ୍ଗଠନିକ ପ୍ରସ୍ତୁତି ବଜାୟ ରଖିବା ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଇ କନ୍ୟା ଶିଶୁ ମାନଙ୍କୁ ଜୀବନରେ ଅଗ୍ରଗତି କରିବା ପାଇଁ ଗୁରୁତ୍ୱ ଦେବା, ବିଲୁପ୍ତ ହେବାକୁ ଥିବା ପାରଂପରିକ କଳା , କାରୁକାର୍ଯ୍ୟ, ପୁରୁଣା କିର୍ତ୍ତୀରାଜି ଗୁଡିକୁ ପୁନରୁଦ୍ଧାର ଓ ସଂରକ୍ଷଣ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

ଅସହାୟ ଦୁର୍ଯ୍ୟୋଧନ ପାଇଁ ସରକାରୀ ସହାୟତା ସାତସପନ ହୋଇଛି

ଭଦ

ଭାରତର ଭବ୍ୟ ରାଜପ୍ରସାଦ



ପୂର୍ବତନ ରାଜବଂଶଗୁଡ଼ିକ ପାଇଁ ସାରା ବିଶ୍ୱରେ ଭାରତ ପ୍ରସିଦ୍ଧ । ବିଭିନ୍ନ ରାଜପରିବାରର ଭବ୍ୟ ମହଲ ଆଜି ବି ଅକ୍ଷୁର୍ଣ୍ଣ ରହିଛି । ଏହି ହେରିଟେଜ୍ ପ୍ୟାଲେସ୍‌ଗୁଡ଼ିକ ଆମକୁ ଅତୀତର ଶାହୀ ପରିବାରର ରାଜକୀୟ ଜୀବନଶୈଳୀ ମନେପକାଇ ଦିଏ । ସାରା ଭାରତରେ ପ୍ରସିଦ୍ଧ କେତେକ ରାଜପ୍ରସାଦ ସମ୍ପର୍କରେ ଏହି ନିବନ୍ଧ ।



ଅମ୍ବା ବିଳାସ ପ୍ୟାଲେସ:

କର୍ଣ୍ଣାଟକର ଅମ୍ବା ବିଳାସ ପ୍ୟାଲେସ ଭାରତର ସବୁଠାରୁ ସୁନ୍ଦର ମହଲ ମଧ୍ୟରୁ ଅନ୍ୟତମ । ଏଠାରେ ମୈଶୂରଶାହୀ ପରିବାରର ସଦସ୍ୟମାନେ ରହୁଥିଲେ । ଏହାକୁ ରୟାଲ ପ୍ୟାଲେସ ଅଫ୍ ମୈଶୂର ମଧ୍ୟ କୁହାଯାଏ । ଏହି ମହଲରେ ନିର୍ମାଣ କାର୍ଯ୍ୟ ୧୮୯୭ରେ ଆରମ୍ଭ ହୋଇ ୧୯୧୨ରେ ଶେଷ ହୋଇଥିଲା । ପରେ ଶାହୀ ପରିବାରର ଆର୍କିଟେକ୍ଟ ହେନରୀଙ୍କ ଦ୍ୱାରା ମହଲକୁ ବିସ୍ତାର କରାଇଥିଲେ । ଏହି ମହଲର ବାସ୍ତୁକଳା ହିନ୍ଦୁ, ମୁଗଲ, ଗୋଥିକ ଏବଂ ରାଜପୂତନା ଶୈଳୀରେ ନିର୍ମାଣ କରାଯାଇଛି । ଅମ୍ବାବିଳାସ ପ୍ୟାଲେସ ବୁଲିଦେଖିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ । ଅମ୍ବା ବିଳାସ ପ୍ୟାଲେସରେ ୧୪ଟି ହିନ୍ଦୁ ମନ୍ଦିର, ଉଦ୍ୟାନ ଏବଂ ବଗିଚା ରହିଛି । ଏହି ମହଲରେ ମୈଶୂରର ପ୍ରସିଦ୍ଧ ଶାହୀ ଦଶହରା ପର୍ବକୁ ବେଶ୍ ଧୁମଧାମର ସହ ପାଳନ କରାଯାଏ ।

ଉମେଦଭବନ ପ୍ୟାଲେସ:

ଜୋଧପୁରର ଉମେଦ ଭବନ ପ୍ୟାଲେସ ଶାହୀ ପରିବାରର ଆବାସୀ ସ୍ଥାନ ରୂପେ ସାରା ଭାରତରେ ପରିଚିତ । ଏହି ବିଶାଳ ପ୍ୟାଲେସରେ ୩୪୭ ପ୍ରକୋଷ୍ଠ ରହିଛି । ଏହି ମହଲକୁ ତିନୋଟି ଭାବରେ ବିଭକ୍ତ କରାଯାଇଛି । ପ୍ରଥମ ଭାଗରେ ଏକ ରାଜକୀୟ ହୋଟେଲ, ଦ୍ୱିତୀୟରେ ଶାହୀ ପରିବାରର ଘର ଏବଂ ତୃତୀୟ ଭାଗରେ ଏକ ମ୍ୟୁଜିୟମ ରହିଛି । ଏହାଛଡ଼ା ଏହି ମହଲର ମୁଖ୍ୟ ଆକର୍ଷଣ ଶାହୀ ପରିବାରର ଯାନବାହନ । ଏଠାରେ ଏକ ଗ୍ୟାଲେରୀ ରହିଛି ଯେଉଁଠାରେ ପର୍ଯ୍ୟଟକ ମାନେ ଆକର୍ଷଣୀୟ ଅଟୋମୋବାଇଲ ଦେଖିବାର ମଜା ଉଠାଇପାରିବେ ।

ଲକ୍ଷ୍ମୀବିଳାସ ପ୍ୟାଲେସ:

ଗୁଜରାଟର ଏହି ମହଲ ଭାରତର ସବୁଠାରୁ ଭବ୍ୟ ମହଲ ମଧ୍ୟରୁ ଅନ୍ୟତମ । ଏହାକୁ ୧୮୯୦ ମସିହାରେ ନିର୍ମାଣ କରାଯାଇଥିଲା । ଏହି ମହଲର ଇଣ୍ଟିରିୟର୍ସ ଏବଂ ଡିଜାଇନ୍ ଏତେ ସୁନ୍ଦର ଯେ ପର୍ଯ୍ୟଟକ ଥରେ ଏଠାକୁ ଆସିଲେ ଫେରିବାକୁ ଇଚ୍ଛା କରନ୍ତି ନାହିଁ । ଏହି ମହଲ ବୁଲିଯିବାର ସବୁଠାରୁ ଭଲ ସମୟ ଅକ୍ଟୋବରରୁ ମାର୍ଚ୍ଚ । ଲକ୍ଷ୍ମୀ ବିଳାସ ପ୍ୟାଲେସ ବୁଲିବାକୁ ହେଲେ ପ୍ରତି ବ୍ୟକ୍ତିଙ୍କୁ ୧୭୦ଟଙ୍କା ଦେବାକୁ ପଡ଼ିଥାଏ । ମହଲର ସବୁଠାରୁ ବଡ଼ କଥା ହେଉଛି ଏହା ଲଣ୍ଡନର ବକିଂହମ୍ ପ୍ୟାଲେସ ଠାରୁ ୪ଗୁଣ ବଡ଼ । ଏହି ମହଲର ସ୍ଥାପତ୍ୟ ମରାଠା ଏବଂ ଇଣ୍ଡୋ-ସାରା ସୋନିକ ଶୈଳୀରେ କରାଯାଇଅଛି ।

ଜୟ ବିଳାସ ପ୍ୟାଲେସ:

ମଧ୍ୟପ୍ରଦେଶର ଜୟବିଳାସ ପ୍ୟାଲେସ୍ ବୁଲିଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ମାସ ସବୁଠାରୁ ଭଲ ସମୟ । ଏହି ବିଶାଳ ମହଲର ନିର୍ମାଣ ୧୮୭୪ ମସିହାରେ କରାଯାଇଥିଲା । ମହଲକୁ ଦେଖିବା ପାଇଁ ଟିକଟ କାଟିବାକୁ ପଡ଼ିଥାଏ । ଭାରତୀୟ ପର୍ଯ୍ୟଟକଙ୍କ ପାଇଁ ଟିକଟ ମୂଲ୍ୟ ୧୦୦ ଯଙ୍କା, ବିଦେଶୀ ପର୍ଯ୍ୟଟଙ୍କ ପାଇଁ ୬୦୦ ଟଙ୍କା ଏହାର କ୍ଷେତ୍ରଫଳ ୧୨,୪୦,୭୭୧ ବର୍ଗଫୁଟ । ଏହି ରାଜକୀୟ,ମହଲରେ ୪୦୦ କୋଠରୀ ରହିଛି । ବିଶାଳ ମହଲର ବାସ୍ତୁକଳା ଇଟାଲୀୟ, ଟକ୍ସନ ଏବଂ କୋରିଥିୟନ୍ ଶୈଳୀରେ ପ୍ରଦର୍ଶିତ କରାଯାଇଛି ।

ଉଜ୍ଜୟନ୍ତା ପ୍ୟାଲେସ:

ଅଗରତାଲାର ଉଜ୍ଜୟନ୍ତା ପ୍ୟାଲେସ ଭାରତର ରୟାଲ ପ୍ୟାଲେସଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ନିର୍ମାଣ ୧୮୯୯ରୁ ୧୯୦୧ ମସିହା ମଧ୍ୟରେ କରାଯାଇଥିଲା । ଏହି ମହଲ ବୁଲିବାକୁ ଯିବାର ସବୁଠାରୁ ଉତ୍ତମ ସମୟ ଡିସେମ୍ବରରୁ ମାର୍ଚ୍ଚ । ଉଜ୍ଜୟନ୍ତ ପ୍ୟାଲେସ ବର୍ତ୍ତମାନ ଏକ ରାଜ୍ୟ ସଂଗ୍ରହାଳୟ ରୂପେ ପରିଚିତ ଯେଉଁଠି ଭାରତର ସମୁଦାୟ ଜୀବନଶୈଳୀ, କଳା ଏବଂ ସଂସ୍କୃତିର ସନ୍ତକ ରହିଛି । ଏହି ମହଲର ୨୫୦ ଏକର ମଧ୍ୟରେ ରହିଛି ଏକ ସିଂହାସନ କକ୍ଷ, ଦରବାର ହଲ, ପୁସ୍ତକ ହଲ ଏବଂ ଗୋଟିଏ ସ୍ୱାଗତ କକ୍ଷ ।



ଅଣ୍ଡା କମାଏ ହୃଦ୍‌ରୋଗ ଆଶଙ୍କା



ଚୀନର ଏକ ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଅଣ୍ଡା ଖାଇବା ଦ୍ୱାରା ହୃଦରୋଗ ଆଶଙ୍କା ହ୍ରାସ ପାଇପାରେ । ପ୍ରତିଦିନ ଅଣ୍ଡା ଖାଉଥିବା ବ୍ୟକ୍ତିଙ୍କ ହୃଦରୋଗ ଜନିତ ମୃତ୍ୟୁ ଆଶଙ୍କା ୧୮ପ୍ରତିଶତ ହ୍ରାସ ପାଇଥିବା ଅଧ୍ୟୟନରୁ ଜଣାପଡ଼ିଲା । ହାର୍ଟ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି । ଅଧ୍ୟୟନର ସହ ଲେଖକ କାନକିଙ୍ଗ ୟୁଙ୍କ ଅନୁସାରେ, ଅଣ୍ଡା ଓ ହୃଦଯୋଗ ଉପରେ ହୋଇଥିବା ଏପର୍ଯ୍ୟନ୍ତର ଗବେଷଣାଗୁଡ଼ିକର ସୀମିତ ତଥ୍ୟ ଯୋଗୁଁ ବିଷୟଟି ବିବାଦୀୟ ହୋଇରହିଛି । ଏହାକୁ ଦୃଷ୍ଟିରେ ରଖି ଅଣ୍ଡା ଓ ହୃଦରୋଗ ଉପରେ ବିସ୍ତୃତ ଅଧ୍ୟନ କରାଯାଇଛି । ୩୦ରୁ ୭୯ ବର୍ଷ ବୟସର ୧୩ପ୍ରତିଶତରୁ ଅଧିକ ବ୍ୟକ୍ତି ଦିନକୁ ଗୋଟିଏ ଅର୍ଡା ଖାଇଥିଲେ । ଅନ୍ୟପକ୍ଷେ, କେବଳ ୯ପ୍ରତିଶତ ଖୁବ୍ କମ ବା କେବେ ଅଣ୍ଡା ଖାଇନଥିଲେ । ଅଣ୍ଡା ନଖାଇଥିବା ବ୍ୟକ୍ତିଙ୍କ ତୁଳନାରେ ଦିନକୁ ଗୋଟିଏ ଅଣ୍ଡା ଖାଇଥିବା ବ୍ୟକ୍ତିଙ୍କୁ ହୃଦରୋଗ ଆଶଙ୍କା କମ ଜଣାପଡ଼ିଲା । ଏଥିସହ ବ୍ରେନ ଷ୍ଟ୍ରୋକ୍ ଆଶଙ୍କା ମଧ୍ୟ ୨୬ ପ୍ରତିଶତ ହ୍ରାସ ପାଇଥିଲା । ହାରାହାରି ଅଣ୍ଡା ଖାଇଥିବା ବ୍ୟକ୍ତିଙ୍କଠାରେ ଏପରି ଷ୍ଟ୍ରୋକରୁ ମୃତ୍ୟୁ ଆଶଙ୍କା ୨୮ ପ୍ରତିଶତ ହ୍ରାସ ପାଇଥିଲା ।

ପରିବେଶ ହିସାବରେ ତାପମାତ୍ରା ବଦଳାଇବ ଏହି କପଡ଼ା

ଏହି କପଡ଼ାର ପୋଷାକ ପିନ୍ଧିଲେ ଶୀତ ଦିନେ ଆପଣ ଗରମ ଅନୁଭବ କରିବେ, ଆଉ ଗରମ ଦିନ ଥଣ୍ଡା ଅନୁଭବ କରିବେ । ବୈଜ୍ଞାନିକମାନେ ଏହି ଭଳି ଏକ କପଡ଼ା ପ୍ରସ୍ତୁତ କରିଛନ୍ତି, ଯାହା ବାତାବରଣ ହିସାବରେ ତାପମାତ୍ରା ବଦଳାଇବାରେ ସମର୍ଥ ଅଟେ । ସେମାନଙ୍କ ଯୁକ୍ତି ହେଉଛି ପରିବେଶ ଗରମ କିମ୍ବା ଥଣ୍ଡା ହେଲେ ଏହି କପଡ଼ାରୁ ଉଷ୍ମତା କିମ୍ବା ଥଣ୍ଡା ପବନ ବାହାରିଥାଏ । ଅର୍ଥାତ୍ ପରିବେଶ ହିସାବରେ ଏହା ପୋଷାକ ପିନ୍ଧିଥିବା ବ୍ୟକ୍ତିକୁ ସହଯୋଗ କରିଥାଏ । ମେରିଲାଣ୍ଡ ବିଶବିଦ୍ୟାଳୟର ଗବେଷକମାନେ ସିନ୍ଥେଟିକି ତନ୍ତୁରେ କାର୍ବନ ନୋନୋଟ୍ୟୁବର କୋଟିଂ କରାଇ ଏପରି ଏକ କପଡ଼ା ପ୍ରସ୍ତୁତ କରିଛନ୍ତି । ଯାହା ପରିବେଶ ହିସାବରେ ଶରୀରକୁ ଥଣ୍ଡା ଏବଂ ଗରମ ପ୍ରଦାନ କରିବ । ଏହି କପଡ଼ାକୁ ଯେକୌଣସି ଋତୁରେ ମଧ୍ୟ ପିନ୍ଧା ଯାଇପାରିବ ।

କଞ୍ଚାଲଙ୍କା ତାଜା ରଖିବାର ଉପାୟ

ପ୍ରତିଟି ଭାରତୀୟ ରୋଷେଇ ଘରେ କଞ୍ଚା ଲଙ୍କା ବ୍ୟବହାର ହୋଇଥାଏ । ଏହା ବ୍ୟଞ୍ଜନର ଚଟପଟା ସ୍ୱାଦ ବଢ଼ାଇଥାଏ । ତରକାରୀ ବ୍ୟତୀତ ଚଟଣୀ, ଭରତା କିମ୍ବା ପକୁଡ଼ି ତିଆରିରେ ବି ଏହାର ଉପଯୋଗ ହୋଇଥା, । କିନ୍ତୁ କଞ୍ଚା ଲଙ୍କାକୁ ବେଶୀ ଦିନ ତାଜା ରଖିବା କଷ୍ଟକର । ଯଦି କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ ଏ ସ୍ମାର୍ଟ ଟିପ୍ସ...

★ କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଜିପ୍ ଲକ୍ ବ୍ୟାଗର ବ୍ୟବହାର କରନ୍ତୁ । ଏଥିପାଇଁ ପ୍ରଥମେ ଲଙ୍କାଗୁଡ଼ିକୁ ଭଲଭାବେ ଧୋଇ ଶୁଖାଇ ଦିଅନ୍ତୁ । ପାଣି ଶୁଖିଗଲେ ତାର ଡେମ୍ଫ ଛିଡ଼ାଇ ବ୍ୟାଗରେ ଭର୍ତ୍ତି କରି ଫ୍ରିଜରେ ରଖିଦିଅନ୍ତୁ । ଦେଖିବେ ସପ୍ତାହେ ପର୍ଯ୍ୟନ୍ତ ଏହା ତାଜା ରହିବ ।

★ କୌଣସି ସ୍ଥାନକୁ ଛୁଟି କାଟିବାକୁ ବେଶୀଦିନ ପାଇଁ ଯାଉଥିଲେ କଞ୍ଚା ଲଙ୍କା ଘରେ ପଡ଼ି ପଡ଼ି ଖରାପ ହୋଇଯାଏ । ଏ ସମସ୍ୟାରୁ ମୁକ୍ତି ପାଇଁ କିଚେନ୍ ଟାଓ୍ୱେଲରେ କଞ୍ଚା ଲଙ୍କାକୁ ରଖି ତାକୁ ଭଲଭାବେ ବାନ୍ଧିଦିଅନ୍ତୁ । ଦେଖିବେ ତାହା ୨୦-୨୫ ଦିନ ଯାଏ ତାଜା ରହିବ ।

★ କଞ୍ଚା ଲଙ୍କା ଫିକା ପଡ଼ିବାକୁଚ ଦେବାକୁ ଚାହୁଁନାହାନ୍ତି କିମ୍ବା ତାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି, ତେବେ ଆଲମିନିୟମ ଫଏଲର ବ୍ୟବହାର କରିପାରିବେ । ଲଙ୍କାର ଡେମ୍ଫ ଛିଡ଼ାଇ ତାକୁ ଆଲୁମିନିୟମ ଫଲଲରେ ଗୋଡ଼ାଇ ଫ୍ରିଜରେ ରଖିଦିଅନ୍ତୁ । ସପ୍ତାହେ ପର୍ଯ୍ୟନ୍ତ ତାଜା ରହିବ ।

★ କଞ୍ଚା ଲଙ୍କା ଡେମ୍ଫ ଛିଡ଼ାଇ ତା' ଉପରେ କିଛି ତେଲ ଲଗାନ୍ତୁ । ପରେ ଏୟାର ଟାଇଟ୍ ଡବାରେ ବନ୍ଦ କରି ଫ୍ରିଜରେ ରଖନ୍ତୁ । ଏହି ଟିପ୍ସ କଞ୍ଚା ଲଙ୍କାକୁ ୨୦-୨୫ ଦିନ ପର୍ଯ୍ୟନ୍ତ ତାଜା ରଖିବାରେ ସାହାଯ୍ୟ କରିବ ।

ଘୋଡ଼ା ଖୁରାର ହ୍ରଦ ପର୍ଯ୍ୟଟନ



ଅଂଶୁପା ଏସିଆ ମହାଦେଶର ବଡ଼ ମଧୁର ଜଳ ହ୍ରଦ । କଟକ ଜିଲ୍ଲାରେ ଅବସ୍ଥିତ ଏହା ଏକ ମଧୁର ଜଳ ଓ ଅଶ୍ୱଖୁରାକୃତି ହ୍ରଦ । ଏହା ମହାନଦୀ କୂଳରେ, ବାଙ୍କୀ ବିପରୀତ ଦିଗରେ ପାଖାପାଖି ୧୪୧ ହେକ୍ଟର ଜମିରେ ବ୍ୟାପିଅଛି । ବାଙ୍କୀରେ ଅବସ୍ଥିତ ଏହି ହ୍ରଦ କଟକ ସହଠାରୁ ୭୦ କି.ମି ଦୂରରେ ଅବସ୍ଥିତ ଯାହା ଶୀତଦିନରେ ବହିରାଗତ ଚଢ଼େଇମାନଙ୍କ ପାଇଁ ଏକ ବାସସ୍ଥାନ ଭଳି କାମ କରିଥାଏ । ସରଣ୍ଡା ପାହାଡ଼ ପାଖରେ ଏହା ବାଉଁଶ ବଣ ଓ ଆମ୍ବ ତୋଟା ଭିତରେ ରହିଛି । ଅଂଶୁପା ହ୍ରଦରେ ନୌକା ଚାଳନା ଓ ମାଛଧରାର ସୁବିଧା ମଧ୍ୟ ଅଛି । ଗତ କିଛି ବର୍ଷ ହେଲା ସ୍ୱଳ୍ପ ବୃଷ୍ଟି ଯୋଗୁଁ ଅଂଶୁପା ଏବେ ଜରାଜୀର୍ଣ୍ଣ । ଶୁଖିଲା ପଡ଼ିବା କାରଣରୁ ଦଳ ମାଡ଼ିଗଲାଣି । ମାଛମାରି ଜୀବିକା ନିର୍ବାହ କରୁଥିବା ମତ୍ସଜୀବୀ ଜୀବିକା ହରାଇବାକୁ ବସିଲେଣି । ଅଂଶୁପା ସୌନ୍ଦର୍ଯ୍ୟ ହରାଇ ବସିଥିବା ବେଳେ ପାଣି ଅଭାବରୁ ଚାଷ ପ୍ରଭାବିତ ହେଉଛି । ଅପେକ୍ଷାକୃତ ସାନ ହେଲେ ମଧ୍ୟ ଏହି ସ୍ଥାନ ବିଚିତ୍ରବର୍ଣ୍ଣ । ଭ୍ରମଣଶୀଳ ପକ୍ଷୀମାନଙ୍କ ପାଇଁ ଶୀତଦିନରେ ସ୍ୱର୍ଗ ସଦୃଶ ହୋଇଥାଏ । ଏହି ହ୍ରଦର ଜଳର ପରିବ୍ୟାପ୍ତ ମତ୍ସ୍ୟ ଚାଷ, ନୌକା ବିହାର ପାଇଁ ଉତ୍ତମ ବିବେଚିତ ହୋଇଥାଏ । ଏଠାକୁ ବୁଲିବାକୁ ଆସିବାର ପ୍ରକୃଷ୍ଟ ସମୟ: ଅକ୍ଟୋବରରୁ ମାର୍ଚ୍ଚ ମାସ ।

ହଥିୟା ଦେବାଲ୍ ମନ୍ଦିରରେ ପୂଜା କରିବା ମନା

ପରମ୍ପରା ଅନୁଯାୟୀ ସଂକ୍ରାନ୍ତି, ପୂର୍ଣ୍ଣିମା କମ୍ବା କୌଣସି ଓଷାବାରର ଭଗବାନ ଶଙ୍କରଙ୍କ ପୂଜାର ପରମ୍ପରା ରହିଛି । କିନ୍ତୁ ଆମ ଦେଶର ଉତ୍ତରାଖଣ୍ଡରେ ଏଭଳି ଏକ ଶିବ ମନ୍ଦିର ରାହିଛି ଯେଉଁଠି ଶିବଲିଙ୍ଗଙ୍କୁ ପୂଜା। କରିବା ମନା । ପିଥୋରଗଡ଼ରୁର ଧାରଚୁଲା ଆଡ଼କୁ ଯିବା ରାସ୍ତାରେ ୧୭କିମି. ଭିତରକୁ ଅବସ୍ଥିତ । ଏହାର ନାମ ହଥିୟା ଦେବାଲ ଶିବ ମନ୍ଦିର । ଏହି ପ୍ରସିଦ୍ଧ ଶୈବପୀଠକୁ ଅଭିଶପ୍ତ ଶିବାଳୟ ମଧ୍ୟ କୁହାଯାଏ । ରାଜା କତୁରୀଙ୍କ ଶାସନ କାଳରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା । ଏଠାରେ ବହୁ ଗ୍ରନ୍ଥ ଓ ଅଭିଲେଖ ରହିଛି । ରାଜାଙ୍କର ସ୍ଥାପତ୍ୟ କଳା ପ୍ରତି ଖଉବ ଆନ୍ତରିକତା ଥିବାରୁ ଏକ କୁଶଳ କାରିଗର

ଦ୍ୱରା ଗୋଟିଏ ଦିନରେ ମନ୍ଦିର ନିର୍ମାଣ କରାଯାଇଥିଲା । କାରିଗର ଗୋଟିଏ ହାତରେ ମନ୍ଦିରଟିକୁ ନିର୍ମାଣ କରିଥିଲେ । ରାଜାଙ୍କ ଇଚ୍ଛାଥିଲା ଏହି ମନ୍ଦିର ସଦୃଶ ଅନ୍ୟ ମନ୍ଦିର ନିର୍ମାଣ ନହେଉ । ତେଣୁ ରାଜା କାରିଗରର ଅନ୍ୟ ଏକ ହାତକୁ କାଟି ଦେଇଥିଲେ । ପରବର୍ତ୍ତୀ ସମୟରେ ସେହି କାରିଗରକୁ ଆଉ କେହି ଦେଖିବାକୁ ପାଇଲେ ନାହିଁ । କିନ୍ତୁ ମନ୍ଦିରରେ ଶିବଲିଙ୍ଗଟି ଓଲଟା ସ୍ଥାପିତ ହୋଇଥିବା ଦେଖିବାକୁ ପାଇଥିଲେ ପଣ୍ଡିତମାନେ । ଏହାକୁ ଠିକ୍ ଦିଗରେ ସ୍ଥାପନା କରିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ । ଦୋଷପୂର୍ଣ୍ଣ ମୂର୍ତ୍ତି ପୂଜା କରିବା ଅନିଷ୍ଟକାରୀ ହୋଇପାରେ । ଏହି ଶିବଲିଙ୍ଗକୁ କେହି ପୂଜା କଲେ ଫଳବତୀ ହେବନାହିଁ ବୋଲି ପଣ୍ଡିତମାନେ ମତ ରଖିଥିଲେ । ଏହି ଶିବଲିଙ୍ଗକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଜମିଥାଏ । ମନ୍ଦିରର କାରୁକାର୍ଯ୍ୟକୁ ମଧ୍ୟ ଶ୍ରଦ୍ଧାଳୁମାନେ ଖୁବ୍ ପ୍ରଶଂସା କରିଥାନ୍ତି । କିନ୍ତୁ କେହି ଜଳାଭିଷେକ କରନ୍ତି ନାହିଁ କି ସୁଫଳ ପାଇପାରନ୍ତି ନାହିଁ ବୋଲି ପଣ୍ଡିତମାନେ ମତ ଦିଅନ୍ତି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ଜାନୁଆରୀ ୨୦୨୧ ,ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅସ୍ଥିରତା..

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ସତ୍ୟରେ ପରିଣତ ହୋଇଛି। ଯେତେବେଳେ ନୂତନ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ନିମନ୍ତେ ଦେଶବାସୀଙ୍କ ମନରେ ଆନନ୍ଦ ଓ ଉତ୍କଣ୍ଠା ପ୍ରକାଶ ପାଇବା କଥା ଏବଂ ଗଣମାଧ୍ୟମରେ ପରବର୍ତ୍ତୀ ପ୍ରଶାସନର ନୀତି ଉପରେ ବିଶ୍ଳେଷଣ ହେବା ଆବଶ୍ୟକ, ସେପରିସ୍ଥଳେ ଆମେରିକାରେ ଏବେ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ବିରୋଧରେ ଆଗତ ମହାଭିଯୋଗକୁ ନେଇ ବ୍ୟାପକ ଚର୍ଚ୍ଚା ଚାଲିଛି। ଆମେରିକାର ପ୍ରତିନିଧି ସଭା ଗତ ବୁଧବାର ଦିନ ରାଷ୍ଟ୍ରପତିଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବିତ ୨୩୨/୧୯୭ ଭୋଟରେ ଗୃହୀତ କରିଛି। ସେ ଦେଶର ରାଜନୈତିକ ଇତିହାସରେ ଦୁଇଦୁଇ ଥର ମହାଭିଯୋଗର ସମ୍ମୁଖୀନ ହେବାରେ ଡୋନାଲଡ ଟ୍ରମ୍ପ ଏକମାତ୍ର ରାଷ୍ଟ୍ରପତି ହୋଇଥିବାର ଅପଯଶ ଅଜର୍ନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ପ୍ରତିନିଧି ସଭାରେ କେବଳ ଡେମୋକ୍ରାଟିକ ଦଳର ସାଂସଦମାନେ ରାଷ୍ଟ୍ରପତିଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ସମର୍ଥନ ଜଣାଇ ନାହାଁନ୍ତି, ଅପରନ୍ତୁ ଟ୍ରମ୍ପଙ୍କ ନିଜ ଦଳ (ରିପବ୍ଲିକାନ ପାର୍ଟି)ର ୧୦ଜଣ ସଦସ୍ୟ ଘଟଣାର ଗୁରୁତ୍ୱ, ଜାତୀୟ ସୁରକ୍ଷା ଦୃଷ୍ଟିରୁ ନିଜର ବିବେକାନୁମୋଦିତ ଭୋଟ୍ ଦେଇ ରାଷ୍ଟ୍ରପତିଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି। ଉଣାଅଧିକେ ସେହିସବୁ ସଦସ୍ୟମାନେ ଟ୍ରମ୍ପଙ୍କ ଆଚରଣକୁ ଅକ୍ଷମଣୀୟ ବୋଲି ମତ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି-ଆଡାମ କିନଜିଞ୍ଜର, ଲିଜ୍ ଚିନୀ (ପୂର୍ବତନ ଉପରାଷ୍ଟ୍ରପତି ଡିକ୍ ଚିନୀଙ୍କ କନ୍ୟା), ଜିନ୍ କାଟକୋ, ଫ୍ରେଡ ଅପଟନ, ଜାଇମ୍ ହେରେରା, ଡାନ୍ ନିଉହାଉସ୍, ଆନ୍ଥୋନୀ ଗୋଞ୍ଜାଲେଜ, ଟମ୍ ରାଇସ ଏବଂ ଡେଭିଡ ଭାଲାଡୋଙ୍କ ଭଳି ରିପବ୍ଲିକାନ। ନିଜ ଦଳର ସଦସ୍ୟ ରାଷ୍ଟ୍ରପତିଙ୍କ ବିପକ୍ଷରେ ଯିବା ଦୁଇଟି ପ୍ରସଙ୍ଗକୁ ସୂଚିତ କରେ। ପ୍ରଥମତଃ, ଦଳର ଦୁର୍ବଳତା ଏବଂ ଦ୍ୱିତୀୟତଃ ରାଷ୍ଟ୍ରପତିଙ୍କ ଦ୍ୱାରା କରାଯାଇଥିବା ଗର୍ହିତ କାର୍ଯ୍ୟ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଆସିଥିବା ମହାଭିଯୋଗଟି ଅପରାଧିକ ନୁହେଁ, ରାଜନୈତିକ। ଯେହେତୁ ସେ କ୍ୟାପିଟଲ ହିଲକୁ ପ୍ରବେଶ ପାଇଁ ନିଜ ସମର୍ଥକମାନଙ୍କୁ ଉସୁକାଇଥିଲେ। ତାହା କେବଳ ସାମ୍ବିଧାନିକ ପରମ୍ପରା ଭଙ୍ଗ କରିନଥିଲା। ଅପରନ୍ତୁ, ଜାତୀୟ ସୁରକ୍ଷା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଥିଲା, ଯାହାକି ତାଙ୍କ ପଦମର୍ଯ୍ୟାଦା ଓ ସେଥିପାଇଁ ସେ ନେଇଥିବା ଶପଥର ପରିପନ୍ଥୀ ବୋଲି ବିବେଚନତା କରାଯାଉଛି। ଯେହେତୁ ପ୍ରତିନିଧି ସଭାରେ ଡେମୋକ୍ରାଟିକ ଦଳର ସଂଖ୍ୟାଗରିଷ୍ଠତା ରହିଛି, ସେଠାରେ ମହାଭିଯୋଗ ସହଜରେ ପାରିତ ହୋଇଛି। କିନ୍ତୁ ଏବେ ଅସଲ ପରୀକ୍ଷା ରହିଛି ସିନେଟରେ। ସେଠାରେ ସଦସ୍ୟ ସଂଖ୍ୟା ୧୦୦ ଏବଂ ରିପବ୍ଲିକାନ ଦଳ ହିଁ ସର୍ବାଧିକ। ସେଠାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ ହେବାକୁ ଅନ୍ୟୁନ ୧୭ଜଣ ରିପବ୍ଲିକାନ ସଦସ୍ୟ ନିଜ ଦଳ ବିରେଧରେ ଯାଇ ପ୍ରସ୍ତାବକୁ ସମର୍ଥନ କରିବା ଆବଶ୍ୟକ। ଏବଂ, ଆଉ ଗୋଟିଏ କଥା ମଧ୍ୟ ସ୍ମରଣୀୟ। ତାହା ହେଲା-ଟ୍ରମ୍ପଙ୍କ ପୂର୍ବରୁ ମାତ୍ର ଦୁଇଜଣ ରାଷ୍ଟ୍ରପତି ମହାଭିଯୋଗର ସମ୍ମୁଖୀନ ହୋଇଥିଲେ- ୧୯୬୮ ମସିହାରେ ଆଣ୍ଡ୍ରୁ ଜନସନ ଏବଂ ୧୯୯୮ ମସିହାରେ ବିଲ କ୍ଲିଣ୍ଟନ। ଦୁହିଁଙ୍କ ବିରୋଧରେ ପ୍ରତିନିଧି ସଭାରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହୋଇଥିଲେ ସୁଦ୍ଧା ସିନେଟ ସେମାନଙ୍କୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିଥିଲେ। ଏବେ ରିପବ୍ଲିକାନ ସଂଖ୍ୟାଗରିଷ୍ଠ ସିନେଟରେ ଯେ ସେଇ କଥା ନହେବ କିଏ କହିବ ? ପୁଣି ଏବେ ସିନେଟ ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଅବକାଶରେ ରହିଛି। ଏହାର ସ୍ୱତନ୍ତ୍ର ଅଧିବେଶନ ଡକାଯିବ କି ନାହିଁ, ତାହା ଜଣାନାହିଁ। ଯଦିବା ସିନେଟ ଟ୍ରମ୍ପଙ୍କୁ ଦୋଷୀ/ନିର୍ଦ୍ଦୋଷ ସାବ୍ୟସ୍ତ କରେ, ସେତେବେଳକୁ ସେ ରାଷ୍ଟ୍ରପତି କୁର୍ସି ଛାଡ଼ି ସାରିଥିବେ। ଜାନୁଆରୀ ୨୦ ହେଉଛି ତାଙ୍କ ରାଷ୍ଟ୍ରପତି ଅବଧିର ଚୂଡ଼ାନ୍ତ ତାରିଖ। ହଁ, ଏହା ମଧ୍ୟ ବିଚାର୍ଯ୍ୟ ଯେ ଯଦି ସିନେଟରେ ତାଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହୁଏ, ସେ ଆଉ ଭବିଷ୍ୟତରେ (୨୦୨୪ ବା ତା'ପରେ) ନିର୍ବାଚନ ଲଢ଼ିପାରିବେ ନାହିଁ। କିନ୍ତୁ ଏହା କେବଳ ସମ୍ଭାବନା ମାତ୍ର। ଟ୍ରମ୍ପ ରାଷ୍ଟ୍ରପତି ପଦଭାର ସମ୍ଭାଳିକା ଦିନଠାରୁ ହିଁ ବିବାଦମାନ ରହିଆସିଛନ୍ତି। ୨୦୧୯ରେ ତାଙ୍କ ବିରୋଧରେ ପ୍ରଥମ ମହାଭିଯୋଗ ଆସିସାରିଛି। ଏଇଭଳି ବିବାଦ ଭିତରେ ସେ ତାଙ୍କ ଅବଧି ପୂରଣ କରିବାକୁ ଯାଉଛନ୍ତି। ମନ୍ଦିର ତୋଳି ନାଁ କର ଅବା ବାଟରେ ଅପକର୍ମ କର, ବିଶ୍ୱ ତଥା ଆମେରିକା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡରେ ଟ୍ରମ୍ପ ତାଙ୍କ ରାଷ୍ଟ୍ରପତିତ୍ୱ ଅବଧି ପୂର୍ଣ୍ଣ କରିବାକୁ ଯାଉଛନ୍ତି। ହୁଏତ ତାଙ୍କ ଶାସନ କାଳକୁ କେହି ଅନୁକରଣ କରିନପାରନ୍ତି, କିନ୍ତୁ ଏହାକୁ କଦାପି ଏଡ଼ାଇ ଦେଇ ହେବନାହିଁ। ସେହି ଅନିଶ୍ଚିତତା ହିଁ ଏବେ ଆମେରିକାବାସୀଙ୍କୁ ଘାରିଛି।

ହସିବ ପ୍ରକୃତି...

ଅରୂପ କୁମାର ବିଶ୍ୱାଳ

ବାଦଲକୁ ଚାହିଁ ମାଗିଲି ବରଷା
କହିଲା ସେ ଢାଳି ଲୁହ ,
ମୋ ଦେହରେ ଖାଲି ଧୂଳିଧୂଆଁ ଭର୍ତ୍ତି
କଅଣ କରିବି କୁହ।

ପାଣି ବଦଳରେ ଏସିଡରେ ଭରା
ମୋର ଏଇ ଦେହ ସାରା,
ଜଳି ପୋଡି ଯାଏ ନିତି ମୋ ଶରୀର
ନାହିଁ ମୋ କେହି ଆଶରା।

ପ୍ରଦୂଷଣ ବଢେ ଉତ୍ତାପ ବି ବଢେ
ନିରୁପାୟ ଆଜି ମୁହିଁ,
କାଳବୈଶାଖୀରେ ହୁଏ ବଜ୍ରପାତ
ଦେଖି ରହେ ଚୁପ ହୋଇ।

ଲଘୁଚାପ ହେଲେ ଭଉଁରୀରେ ପଡି
ବାତ ବଳେ ଘୁରିବୁଲେ,
କ୍ଷତାକ୍ତ କରି ମୋ ରକତ ଝରାଏ
କା ଆଗେ କହିବି ଭଲେ।

ବର୍ଷା କିବା ଖରା ବସନ୍ତ କି ଶୀତ
ଯେବେ ଲଘୁଚାପ ହୁଏ,
ଅଦିନିଆ ବର୍ଷା ସାଥେ ବାତ୍ୟା ଆସି
ଫସଲ ଉଜାଡି ଦିଏ।

ସ୍ରଷ୍ଟାଙ୍କ ସୃଷ୍ଟିର ନେବା ପାଇଁ ଯତ୍ନ
ଦେଇଥିଲି ପରା କଥା,
ବିପର୍ଯ୍ୟୟ ଆସେ ସୃଷ୍ଟି ନାଶ ହୁଏ
ଦେଖି ମନେ ବଢେ ବ୍ୟଥା।

ବଣ ଠୁ ପାହାଡ ପର୍ବତରେ ଭରା
ଥିଲା ଏଇ ଧରା ଦିନେ,
ଶୀତଳ ପବନ ମୌସୁମୀ ଆସିଲେ
ବର୍ଷୁଥିଲି ଅଛି ମନେ।

ନାହିଁ ସେ ସମୟ ନାହିଁ ଆଜି ବନ
ନାହିଁ ପାହାଡ ପର୍ବତ,
ବିଗିଡି ଯାଇଛି ସବୁ ଭାରସାମ୍ୟ
ପୃଥିବୀ ହୁଏ ଉତ୍ତପ୍ତ।

ନିୟମିତ ବର୍ଷା ପାଇବାକୁ ହେଲେ
ଗଛ ଲଗାଅ ସମସ୍ତେ,
ହସିବ ପ୍ରକୃତି ହସିବ ଏ ଧରା
ଚମକିବ ଆସ୍ତେ ଆସ୍ତେ।

ଗୋରଡ଼, ପାରାଦୀପ,
ଜଗତସିଂହପୁର

ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭

ଭବିଷ୍ୟଦ୍ରଷ୍ଟା ପିତାଶ୍ରୀ ପ୍ରଜାପିତା ବ୍ରହ୍ମା

ପ୍ରତ୍ୟେକ ମନୁଷ୍ୟର ଅନ୍ତଃ ଚେତନାରେ ସ୍ୱର୍ଣ୍ଣିମ ସୃଷ୍ଟି, ସତ୍ୟଯୁଗ, ସ୍ୱର୍ଗ, ଦେବଲୋକ, ବୈକୁଣ୍ଠ, ବହିଃସ୍ଥ, ଜନ୍ନତ, ସୁଖଧାମ, ବିଷ୍ଣୁପୁରୀ, ଅମରାବତୀ .... ଆଦିର ଏକ ଗଭୀର ସ୍ମୃତି ବର୍ତ୍ତମାନ ସ୍ୱପ୍ନବତ୍ ମନେ ହେଉଥିଲେ ହେଁ କେଉଁ ଆବାହମାନ କାଳରୁ ମନରେ ବସାବାନ୍ଧି ରହି ଆସିଅଛି। ତାହାହେଉଛି-ସୃଷ୍ଟି ଚକ୍ରରେ ଏପରି ଏକ ସ୍ୱର୍ଣ୍ଣିମ ସୋପାନ ଯେଉଁ ସମୟରେ କି ସମ୍ପୂର୍ଣ୍ଣ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ସଦା ବିରାଜମାନ ଥିଲା। ସୃଷ୍ଟି ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା। ସେଠାରେ ମାନବ ସମ୍ପ୍ରଦାୟ ଦେବୀ ଦେବତା ରୂପେ ଚିର ପରିଚିତ ଥିଲେ। ଦୁଃଖ, କ୍ଲେଶ, ଅଭାବ, ଅନାଟନ, ହିଂସା, ଅଶାନ୍ତି .... ଆଦିର ସ୍ଥାନ ନଥିଲା। ସମସ୍ତଙ୍କର ''ଇଚ୍ଛା ମାତ୍ରମ୍ ଅବିଦ୍ୟା'' ସ୍ଥିତି ଥିଲା। ଅର୍ଥାତ୍ ମନରେ ଇଚ୍ଛା ଉତ୍ପନ୍ନ ହେବାର ବହୁପୂର୍ବରୁ ଆବଶ୍ୟକ ବସ୍ତୁମାନ ପ୍ରାପ୍ତ ହୋଇଯାଉଥିଲା। ଏପରି ଏକ ସୃଷ୍ଟିର ନାମ ସ୍ମରଣ ମାତ୍ରେ ହିଁ ବର୍ତ୍ତମାନ ମଧ୍ୟ ମନ ଶାନ୍ତ ହୋଇଯାଏ, ବୃତ୍ତି ସ୍ଥିର ହୋଇଯାଏ ଏବଂ ଶ୍ରେଷ୍ଠ ବିଚାରର ଏକ ଅବିରତ ଧାରା ସଦା ପ୍ରବାହମାନ ହୁଏ। ମନରେ ଦିବ୍ୟତା, ଅଲୌକିକତା ସମ୍ପନ୍ନତା, ପବିତ୍ରତା ..... ଆଦି ଅନେକାନେକ ବିଶେଷତାର ସ୍ୱର ଲହରୀ ଆପେ ହିଁ ଝଙ୍କୃତ ହୋଇଉଠେ। ଜୀବନରେ ଏକ ଆଶାତୀତ ପରିବର୍ତ୍ତନ ଲକ୍ଷ୍ୟ କରିହୁଏ ତଥା ଗୁଣାତ୍ମକ ମାନ ବୃଦ୍ଧି ହୁଏ।

ଏପରି ଏକ ଦିବ୍ୟ ପବିତ୍ର ସୃଷ୍ଟିର ସାକ୍ଷାତକାର ହୋଇଥିଲା ପ୍ରଜାପିତା ବ୍ରହ୍ମାଙ୍କୁ ୧୯୩୭ ମସିହାରେ। ସେତେବେଳେ ତାଙ୍କର ବୟସ ୬୦ ବର୍ଷ। ହଠାତ୍ ଦିନେ ସେ ଅନୁଭବ କଲେ ଯେକୌଣସି ଅଦୃଶ୍ୟ ଶକ୍ତି ତାଙ୍କୁ ଆକର୍ଷିତ କରୁଛି। ସେ ତାଙ୍କ ସମ୍ମୁଖରେ ବିଷ୍ଣୁ ଚତୁର୍ଭୁଜଙ୍କର ସାକ୍ଷାତକାର ଲାଭ କଲେ। ସ୍ୱୟଂ ବିଷ୍ଣୁ ତାଙ୍କୁ କହୁଥିବାର ସ୍ପଷ୍ଟ ସେ ଶୁଣିଲେ-''ଅହଂ ଚତୁର୍ଭୁଜୋଜସ୍ମି ତତ୍ତ୍ୱମ୍'' ଅର୍ଥାତ୍ ତୁମେ ତୁମ ନିଜ ବାସ୍ତବିକ ସ୍ୱରୂପରେ ନାରାୟଣ ଅଟ। ପରେ ପରେ ତାଙ୍କୁ ଶ୍ରୀକୃଷ୍ଣ, ଜଗନ୍ନାଥ, ବଦ୍ରୀନାଥ, ଶ୍ରୀନାଥ,ଦ୍ୱାରିକାନାଥ ..... ଆଦି ସମସ୍ତଙ୍କର ସାକ୍ଷାତକାର ହେବା ପୂର୍ବକ ଶୁଣାଗଲା ..... 'ତତ୍ତ୍ୱମ୍'....। ପରବର୍ତ୍ତୀ ସମୟରେ ନିଜ ଘରେ ଏକ ସତ୍‌ସଙ୍ଗ ଚାଲିଯିବା ସମୟରେ ହଠାତ୍ ଅଧାରୁ ଉଠି ସେ ନିଜ କୋଠରୀକୁ ଚାଲିଯାଇଥିଲେ ଏବଂ ଧ୍ୟାନମଗ୍ନ ଅବସ୍ଥାରେ ଜ୍ୟୋତିବିନ୍ଦୁ ସ୍ୱରୂପ ପରମପିତା ପରମାତ୍ମାଙ୍କର ସାକ୍ଷାତକାର ଲାଭ କଲେ। ତାଙ୍କ ମୁଖ କମଳରୁ ଆଉ ଜଣେ କେହି କହିବାର ଶୁଣାଗଲା-

''ନିଜାନନ୍ଦଂ ସ୍ୱରୂପଂ ଶିବୋଜହମ୍ ଶିବୋଜହମ୍

ଜ୍ଞାନ ସ୍ୱରୂପଂ ଶିବୋଜହମ୍ ଶିବୋଜହମ୍

ପ୍ରକାଶ ସ୍ୱରୂପଂ ଶିବୋଜହମ୍ ଶିବୋଜହମ୍''।

କିଛି ସମୟ ପରେ ଆଶ୍ଚର୍ଯ୍ୟରେ ଆଖି ଖୋଲି ସେ ତଳ ଉପର ଚତୁର୍ଦ୍ଦିଗ ଦେଖିବାରେ ଲାଗିଲେ ଏବଂ ସେହି ଅଦୃଶ୍ୟ ଶକ୍ତିର ସ୍ମୃତିରେ ତଲ୍ଲୀନ ହୋଇ ପ୍ରକାଶ କଲେ- ''ତାହା ଏକ ଆଲୋକ ଥିଲା, ଏକ ଶକ୍ତିଥିଲା, କୌଣସି ନବ ସୃଷ୍ଟି ଥିଲା। ତା'ର ବହୁ ଉପରେ ତାରାଗଣ ପରି କେହି କେହି ଥିଲେ ଏବଂ ଯେତେବେଳେ ସେ ତାରା ତଳକୁ ଆସୁଥିଲେ ସେଥିରୁ କେହି ରାଜକୁମାର କେହି ରାଜକୁମାରୀ ହୋଇଯାଉଥିଲେ। ତନ୍ମଧ୍ୟରୁ ଏକ ଆଲୋକଶକ୍ତି ତାଙ୍କୁ କହିଲା- ଏପରି ଏକ ସୃଷ୍ଟିର ପୁନଃ ନିର୍ମାଣ ତୁମକୁ କରିବାକୁ ହେବ''। ପୁନଶ୍ଚ ଏହି ଦୁଃଖ, ଅଶାନ୍ତି, ଭ୍ରଷ୍ଟାଚାର ପୂର୍ଣ୍ଣ କଳିଯୁଗୀ ସୃଷ୍ଟିର ନିକଟ ଭବିଷ୍ୟତରେ କିଭଳି ଆଣବିକ ଯୁଦ୍ଧ, ଗୃହଯୁଦ୍ଧ ତଥା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ମହାବିନାଶ ହେବ ତା'ର ମଧ୍ୟ ଏକ ଭୟାନକ କଳ୍ପନାତୀତ ଦୃଶ୍ୟର ସାକ୍ଷାତକାର ହେଲା। ସେହିଦିନଠାରୁ ହିଁ ପରମାତ୍ମା ଶିବଙ୍କ ଜ୍ଞାନବାଣୀ ବା ଶ୍ରୀମତ୍ ପ୍ରଜାପିତା ବ୍ରହ୍ମାଙ୍କ ମୁଖ କମଳରୁ ନିଃସୃତ ହେବାରେ ଲାଗିଲା। ସେହି ଈଶ୍ୱରୀୟ ବାଣୀର ଶ୍ରବଣ, ଅଧ୍ୟୟନ ଏବଂ ମନନ ଚିନ୍ତନ ଦ୍ୱାରା ସେ ଆତ୍ମ ଅନୁଭୂତି ସମ୍ପନ୍ନ ହୋଇ ପରମାତ୍ମା ଅନୁଭୂତି ପ୍ରାପ୍ତ କଲେ ତଥା ପରମାତ୍ମାଙ୍କ ଗୁଣ ସମୂହର ଅଧିକାରୀ ହେଲେ। ପରମାତ୍ମାଙ୍କ ଠାରୁ ସମଗ୍ର ମନୁଷ୍ୟ ସୃଷ୍ଟିର ପିତା ରୂପେ ସ୍ୱୀକୃତି ପ୍ରାପ୍ତ କରିଥିବାରୁ, ମନୁଷ୍ୟ ମାତ୍ରାଙ୍କ ପ୍ରତି ଅନ୍ତରରେ ପ୍ରେମ, ସ୍ନେହ, ସଦ୍‌ଭାବ ତଥା ସତ୍ ପରିବର୍ତ୍ତନର ଭାବ ଜାଗୃତ ହେବାର ସେ ଅନୁଭବ କଲେ। ସେ ନିଜ ସଂକୀର୍ଣ୍ଣ ସ୍ୱାର୍ଥର ଉର୍ଦ୍ଧ୍ୱକୁ ଉଠି ''ସର୍ବଜନ ହିତାୟ ସର୍ବଜନ ସୁଖାୟ'' ନିଜ ଜୀବନକୁ ଉତ୍ସର୍ଗ କରିଦେଲେ। ଯଥାର୍ଥରେ ମନୁଷ୍ୟ ସୃଷ୍ଟିର ପିତା ପ୍ରଜାପିତା ବ୍ରହ୍ମା ନିଜ ନଶ୍ୱର ଶରୀର ତଥା ଭୌତିକ ସଂସାରର ସମସ୍ତ ସୀମାକୁ ସ୍ୱୀକାର ନକରି ପ୍ରତିକ୍ଷଣ ମନୁଷ୍ୟ ମାତ୍ରାର ସେବାରେ ହିଁ ତତ୍ପର ରହିବାକୁ ନିଜ ଜୀବନର ଆଧାର ମାନି ନେଇଥିଲେ।

ପରେ ପରେ ପରମାତ୍ମାଙ୍କ ନିର୍ଦ୍ଦେଶ କ୍ରମେ ସେ ମାତା ଏବଂ କନ୍ୟାମାନଙ୍କର ଏକ ଶକ୍ତିଶାଳୀ ସଙ୍ଗଠନ ନିର୍ମାଣ କରି ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତି ଦାନ କଲେ ଏବଂ ସେମାନଙ୍କୁ 'ଶିବଶକ୍ତି' ରୂପେ ଈଶ୍ୱରୀୟ ଶିକ୍ଷାର ପ୍ରସାର କରାଇବାରେ ଅଗ୍ରାଧିକାର ଦେଲେ। ଏହିପରି ଭାବେ ସର୍ବଦା ଉପେକ୍ଷିତ, ଅବହେଳିତ, ତିରସ୍କୃତ ବିଶ୍ୱର ଅର୍ଦ୍ଧାଧିକ ମାତୃଜାତିକୁ ଉଚ୍ଚ ସମ୍ମାନ ଦେଇ ଏକ ନବ ସୃଷ୍ଟି ନିର୍ମାଣ ରୂପୀ ମହାନ୍ କାର୍ଯ୍ୟରେ ସଦ୍‌ଯୋଗୀ କରାଇଥିଲେ। ଏହା ତାଙ୍କର ପରମାତ୍ମାଙ୍କ ପ୍ରତି ପୂର୍ଣ୍ଣନିଷ୍ଠା, ଦୃଢ଼ ନିଶ୍ଚୟ, ଆଦେଶ ପାଳନ ତଥା ପରମ ପ୍ରେମର ଅମର ପ୍ରତୀକ ଥିଲା।

ପିତାଶ୍ରୀ ପ୍ରଜାପିତା ବ୍ରହ୍ମାଙ୍କ ଅମୃତବାଣୀ ଅନେକଙ୍କୁ ପ୍ରଭୁ ମିଳନର ବରଦାନ ତଥା ନୂତନ ଜୀବନ ପ୍ରଦାନ କରୁଥିଲା। ତାଙ୍କ ପ୍ରତ୍ୟେକ କର୍ମ ଏକ ସନ୍ଦେଶ, ପ୍ରେରଣା, ଉଦାହରଣ ତଥା ଏକ ଆଦର୍ଶ ପ୍ରସ୍ତୁତ କରୁଥିଲା। ଯାହାକି ସମସ୍ତଙ୍କ ଅନୁକରଣ ଯୋଗ୍ୟ ଥିଲା। ଏପରିକି ତାଙ୍କରି ପ୍ରତିଟି ନିଶ୍ଚୟାତ୍ମକ ଦୃଢ଼ ସଂକଳ୍ପ ବିଶ୍ୱ କଲ୍ୟାଣ ପ୍ରତି ହିଁ ଉର୍ଦ୍ଦିଷ୍ଟ ଥିଲା। ଏପରିଭାବେ ସେ ସମଗ୍ର ମାନବ ସମ୍ପ୍ରଦାୟକୁ ଏକ ନୂତନ ସୃଷ୍ଟି ଏକ ନୂତନ ସଂସ୍କୃତି ତଥା ସଭ୍ୟତାର ପଥ ପ୍ରଦର୍ଶନ କରାଇଥିଲେ। ବାସ୍ତବରେ ପ୍ରଜାପିତା ବ୍ରହ୍ମାଙ୍କ ଏପରି ହିମାଳୟ ସମ ଉଚ୍ଚ ବ୍ୟକ୍ତିତ୍ୱକୁ ଶବ୍ଦାବଳୀର ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଦ୍ଧ କରିବା ଯେକୌଣସି ମନୁଷ୍ୟ ଆତ୍ମା ସକାଶେ ଏକ ଅତ୍ୟନ୍ତ କଷ୍ଟକର ବ୍ୟାପର ଅଟେ।

> ପ୍ରତ୍ୟେକ ମନୁଷ୍ୟର ଅନ୍ତଃ ଚେତନାରେ ସ୍ୱର୍ଣ୍ଣିମ ସୃଷ୍ଟି, ସତ୍ୟଯୁଗ, ସ୍ୱର୍ଗ, ଦେବଲୋକ, ବୈକୁଣ୍ଠ, ବହିଃସ୍ଥ, ଜନ୍ନତ, ସୁଖଧାମ, ବିଷ୍ଣୁପୁରୀ, ଅମରାବତୀ .... ଆଦିର ଏକ ଗଭୀର ସ୍ମୃତି ବର୍ତ୍ତମାନ ସ୍ୱପ୍ନବତ୍ ମନେ ହେଉଥିଲେ ହେଁ କେଉଁ ଆବାହମାନ କାଳରୁ ମନରେ ବସାବାନ୍ଧି ରହି ଆସିଅଛି। ତାହାହେଉଛି-ସୃଷ୍ଟି ଚକ୍ରରେ ଏପରି ଏକ ସ୍ୱର୍ଣ୍ଣିମ ସୋପାନ ଯେଉଁ ସମୟରେ କି ସମ୍ପୂର୍ଣ୍ଣ ସୁଖ, ଶାନ୍ତି, ଆନନ୍ଦ, ପ୍ରେମ, ପବିତ୍ରତା ସଦା ବିରାଜମାନ ଥିଲା। ସୃଷ୍ଟି ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା। ସେଠାରେ ମାନବ ସମ୍ପ୍ରଦାୟ ଦେବୀ ଦେବତା ରୂପେ ଚିର ପରିଚିତ ଥିଲେ।

ଭବିଷ୍ୟଦ୍ରଷ୍ଟା ପ୍ରଜାପିତା ବ୍ରହ୍ମା ଧୀରେ ଧୀରେ ଅନୁଭବ କଲେ ଯେ ଏପରି ବିଶ୍ୱ ପରିବର୍ତ୍ତନ ରୂପୀ ବିଶାଳ କାର୍ଯ୍ୟକୁ ଶୀଘ୍ର ସମ୍ପନ୍ନ କରିବା ପୂର୍ବକ ଆଧାତ୍ମିକ ବାୟୁମଣ୍ଡଳ ସୃଷ୍ଟି କରିବା, ବିଶ୍ୱର ଅଗଣିତ ଆତ୍ମାଙ୍କୁ ଈଶ୍ୱରୀୟ ସନ୍ଦେଶ ପ୍ରଦାନ କରିବା ତଥା ସାକ୍ଷାତକାର କରାଇବା ସକାଶେ ଏକ ମାତ୍ର ପ୍ରତିବନ୍ଧକ ହୋଇଛି ଏହି ସ୍ଥୂଳ ଅସ୍ଥି ଚର୍ମମୟ ବ୍ୟକ୍ତି ବା ପାର୍ଥୀବ ଶରୀର। ତେଣୁ ସେ ସ୍ୱ-ଇଚ୍ଛାରେ ୧୯୬୯ ମସିହା ଜାନୁୟାରୀ ୧୮ ତାରିଖରେ ନିଜ ବ୍ୟକ୍ତ ଶରୀର ପରିତ୍ୟାଗ ପୂର୍ବକ ଅବ୍ୟକ୍ତ ସୂକ୍ଷ୍ମ ପ୍ରକାଶମୟ ଶରୀର ଧାରଣ କଲେ। ସେହି ସମୟରୁ ସେ ତୀବ୍ରତାର ସହ ନିରନ୍ତର ଶୁଭ ଭାବନା, ଶୁଭ କାମନା, ଶୁଭ ପ୍ରେରଣା ତଥା ନିଃସ୍ୱାର୍ଥ ପ୍ରେମର ଅମର ଧାରା ପ୍ରବାହିତ କରାଇ ମାନବ ସମାଜ ତଥା ଜଡ଼ ସୃଷ୍ଟିର ସୂକ୍ଷ୍ମ ଅଲୌକିକ ସେବାରେ ନିଜକୁ ନିୟୋଜିତ କରିଛନ୍ତି।

ବାସ୍ତବରେ ପିତାଶ୍ରୀ ବ୍ରହ୍ମା ଅବ୍ୟକ୍ତ ସ୍ଥିତିକୁ ପ୍ରାପ୍ତ କରିବାପରେ ନିଜ ଅବ୍ୟକ୍ତ ମହା ବାକ୍ୟରେ ଏପରି ଅନୁଭବ ଯୁକ୍ତ, ସାର ଗର୍ଭକ, ମର୍ମସ୍ପର୍ଶୀ ଦର୍ଶନ ପ୍ରତିପାଦନ କଲେ। ଯେଉଁଥିରେ କି ସମସ୍ତ ଅର୍ଥଶାସ୍ତ୍ର, ନୀତିଶାସ୍ତ୍ର, ସମାଜଶାସ୍ତ୍ର, ଧର୍ମଶାସ୍ତ୍ର, ନ୍ୟାୟଶାସ୍ତ୍ର, ବିଜ୍ଞାନ, କଳା ଆଦିର ସମନ୍ୱୟ ପରିଲକ୍ଷିତ ହେଉଥିଲା। ଅର୍ଥାତ୍ ତାହା ସର୍ବଜନିକ, ସାର୍ବକାଳିକ ଏବଂ ସାର୍ବଭୌମିକ ଥିଲା। ଏଣୁ ପ୍ରଜାପିତା ବ୍ରହ୍ମାଙ୍କୁ ହିଁ ବିଭିନ୍ନ ଶା

ସ୍ୱୟମ୍ବର

କାର୍ତ୍ତିକ ସ୍ୱାଇଁ



ସକାଳୁ ସକାଳୁ ଅନନ୍ୟା ଜିଦ୍ ଧରି ବସିଛି । ଦି'ଥର ଶକୁନ୍ତଳାଙ୍କ ସହିତ ତର୍କ ବି କଲାଣି । ଶକୁନ୍ତଳା ଅନନ୍ୟାକୁ ବୁଝେଇବାକୁ ଚେଷ୍ଟା କରିଛନ୍ତି । ମାତ୍ର ଅନନ୍ୟା ଶୁଣିବାକୁ ପ୍ରସ୍ତୁତ ନୁହେଁ । କାନ ଦିଟା ବନ୍ଦ କରି ବସି ଯାଉଛି । ମୁହଁ ମାଡ଼ି ଶୋଇ ରହୁଛି । ସୁଁ ସୁଁ କାନ୍ଦି ପକାଉଛି, ମାତ୍ର ଶକୁନ୍ତଳା ତା ଯୁକ୍ତି ବୁଝିପାରୁ ନାହାଁନ୍ତି । ଅନନ୍ୟାର ଜିଦ୍... ସେ ରାଜମହଲ ଛକରେ ଥିବା 'ରାଜକୁମାରୀ' ବିଉଟିପାରଲର୍‌କୁ ଯିବ । ଶକୁନ୍ତଳା ଏ ପର୍ଯ୍ୟନ୍ତ ବୁଝିପାରୁ ନାହାଁନ୍ତି ତାର ଆବଶ୍ୟକତା କ'ଣ । 'ତୁ ଜାଣିନୁ ବୋଉ, ମୋର ସବୁ ସାଙ୍ଗମାନେ ବିଉଟିପାରଲରକୁ ଯାଉଛନ୍ତି । ତୁ ଛନ୍ଦାକୁ ଦେଖିଛୁନା ? ପିଲାବେଳେ କେତେ କଳା ଦେଖାଯାଉଥିଲା । ଏବେ ତୁ ତାକୁ ଦେଖିଲେ ଚିହ୍ନି ପାରିବୁନି । ସବୁ ସେଇ ବିଉଟିପାର୍ଲରର କରାମତି । ସେମାନଙ୍କ ଭିତରେ ମୁଁ ଗୋଟାଏ ବଗଙ୍କ ଭିତରେ କାଉ ପରି ଦେଖାଯାଉଛି । ଏକ ନିଶ୍ୱାସରେ କହିଦେଲା ଅନନ୍ୟା ।

'ଅନି ଏସବୁ କଥାର ଆବଶକତା କ'ଣ ? ତୁ ତ ଗୋଟେ ଅସୁନ୍ଦରୀ ଝିଅ ନୁହଁ । ତୋର ପୁଣି ସେ ବିଉଟିପାରଲର୍ ଯାଇ ସୁନ୍ଦରୀ ହେବାର ଆବଶ୍ୟକତା କ'ଣ ?' ବୁଝାଇଲେ ଶକୁନ୍ତଳା । ସେ ଯୁଗ ଅଲଗା ଥିଲା ବୋଉ । ଆଜିକାଲି ଯୁଗ, ସୋ ବାଜି ଯୁଗ । ଯିଏ ଯେତେ ଦେଖେଇ ହେଲା ତାର ମହତ୍ୱ ସେତେ । ତୁ ତ ଘରେ ବସି ସେଇ ପୁରୁଣା ସିରିଏଲ୍ ଦିଟା ଦେଖି ଖୁସ୍ । ଏ ସବୁ କଥା ବୁଝିବୁ କିପରି ? ଟିକେ ରାଗି କରି କହିଲା ଅନନ୍ୟା । ଶକୁନ୍ତଳା ଚୁପ୍ ହୋଇଗଲେ ଅନନ୍ୟାର ଉଚ୍ଚଗଳାର ଶବ୍ଦ ଶୁଣି । କଥାଟା ପ୍ରକାଶଙ୍କ କାନରେ ପଡ଼ିଲେ ସେ ସିଧା ମନାକରି ଦେବେ । ସେ ସବୁ କଥା କ'ଣ ? ଝିଅମାନେ କଲେଜକୁ ପାଠ ପଢ଼ିବାକୁ ଯାଉଛନ୍ତି, ଡ୍ରାମା କରିବାକୁ ନୁହେଁ । ନାଟକ, ଡ୍ରାମାରେ ଲୋକମାନେ ଚରିତ୍ର ହିସାବରେ ବେଶ ହୁଅନ୍ତି ମୁହଁରେ ରଂଗ ଲଗାନ୍ତି । ସାଧାରଣ ଜୀବନରେ ସେ ସବୁର ଆବଶ୍ୟକତା କ'ଣ ଏ କଥା କହିବେ ପ୍ରକାଶ ।

ଦ୍ୱନ୍ଦରେ ପଡ଼ିଗଲେ ଶକୁନ୍ତଳା । କି ଯୁଗ ହେଲା ସତରେ ! ଆଗେ ଝିଅମାନେ ରାମାୟଣ, ମହାଭାରତ ପଢ଼ିବା ଅନ୍ୟାନ୍ୟ ପୁରାଣ ପଢ଼ି ସୀତା, ଦ୍ରୌପଦୀ ବା ଶକୁନ୍ତଳାଙ୍କ ପରି ସୁନ୍ଦୁରୀ ହେବାକୁ ଆଶା କରୁଥିଲେ । ପୁରାଣ ମାନଙ୍କରେ ବର୍ଣ୍ଣିତ ସୁନ୍ଦରୀମାନଙ୍କ ପରି ଲମ୍ବକେଶ, କେଶ ଉପରେ ମଲ୍ଲୀଫୁଲ ବା ହଳଦୀ ଚନ୍ଦନର ପ୍ରୟୋଗ କଥା ଶିଖୁଥିଲେ । ବେଳେବେଳେ ଖବର କାଗଜରେ ବିଜ୍ଞାପନ ପଢ଼ନ୍ତି 'ଲମ୍ବାଘନ କେଶ ରାଶିର ରହସ୍ୟ, ସୁନ୍ଦର ଦିଶିବାର ବାଟ' - ଆସନ୍ତୁ ରାଜକୁମାରୀ ବିଉଟି ପାରଲରକୁ । 'ଗୋଟାଏ ପଇସା କମାଇବାର ବାଟ' ଭାବିଲେ ଶକୁନ୍ତଳା । ସୌନ୍ଦର୍ଯ୍ୟ ହେଉଛି ପ୍ରାକୃତିକ; କୃତ୍ରିମ ଉପାୟରେ ସୁନ୍ଦରତାକୁ କିପରି ବଢ଼ାଇହେବ ? ମନରେ ତାଙ୍କର ପ୍ରଶ୍ନ ଆସୁଥିଲା । ଅନନ୍ୟା ରାଗିକରି ସେଦିନ କଲେଜକୁ ଗଲାନି । ଶକୁନ୍ତଳାଙ୍କ ସହିତ ଠିକ୍‌ଭାବରେ କଥାବାର୍ତ୍ତା ହେଲାନି । 'ପାଗଳୀଟାଏ ମନବୁଝି ଗଲେ ଆସି ସାଇରନ୍ ବଜାଇବ ସରି... ସରି... ସରି । ଶକୁନ୍ତଳାଙ୍କ ମନଟା ଭଲ ଲାଗିଲାନି । ପ୍ରକାଶଙ୍କୁ ଏକଥା ପଚାରିବେ କି ?' ମାତ୍ର ସାହସ ହେଲାନି । ଗୋଟାଏ ଲମ୍ବା ଭାଷଣ ଶୁଣିବାକୁ ପଡ଼ିବ । ଶକୁନ୍ତଳାଙ୍କର ଠିକ୍ ମନେପଡୁଥିଲା ବିଭାଘର ଆଗରୁ ଗାଁର ସାଙ୍ଗସାଥୀମାନେ ତାକୁ ଶିଖେଇଥିଲେ ଟିକେ ସ୍ନୋ, ପାଉଡର ଲଗେଇ ମୁହଁଟାକୁ ଉଜ୍ଜ୍ୱଳ କରିବାକୁ । ବୁଢ଼ୀମା ଶିଖାଇଥିବା ହଳଦୀ ଲଗେଇ ଦେହକୁ ସୁନ୍ଦର ଓ ରୋଗମୁକ୍ତ ରଖିବାକୁ । ଗାଁରେ ବଢ଼ି ବଡ଼ ହୋଇଥିଲେ । ଗାଁ ସ୍କୁଲରେ ମାଟ୍ରିକ ପର୍ଯ୍ୟନ୍ତ ପଢ଼ିବା, ପରେ ପଢ଼ାରେ ଡୋରି ବଂଧା ହୋଇଥିଲା । ହାଇସ୍କୁଲରେ ପଢ଼ିଲା ବେଳେ କଡ଼ା କଟକଣା ସ୍ନୋ ପାଉଡର ଲଗାଇବନି । କେଶକୁ ଖୋଲାରଖି ସ୍କୁଲକୁ ଆସିବନି ଇତ୍ୟାଦି ଇତ୍ୟାଦି । ଘରେ ବି ବୁଢ଼ୀମାର ଅନେକ ତାଗିଦ୍, ସିନେମା ଢ଼ଙ୍ଗରେ ଲୁଗାପିନ୍ଧି, ବାଳୁଙ୍ଗା ଟୋକାଙ୍କରର ଦୃଷ୍ଟି ଆକର୍ଷଣ କରିବା ଦରକାର ନାହିଁ । ଯାହା କରିବୁ ଯାଇ ଶାଶୁଘରେ ସ୍ୱାମୀ ପାଖରେ କରିବୁ । ଘରଠାରୁ ବାହାର ପର୍ଯ୍ୟନ୍ତ ଏମିତି ଅନେକ କଟକଣା । ଧୀରେ ଧୀରେ ମନେରେ ଗୋଟିଏ ପ୍ରକାର 'ଭଲ ମନ୍ଦର' ଦୁନିଆଁ ସୃଷ୍ଟି କରିଥିଲା । ବିଭାଘର ପରେ ଶାଶୁଙ୍କ କଟକଣା ତା ସାଥିକୁ ସ୍ୱାମୀଙ୍କ ପରମ୍ପରାରେ ବିଶ୍ୱାସ । ସହରରେ ରହିଲେ ବି ତାଙ୍କ ବିଚାରାଧାରାକୁ ବଦଳେଇ ନଥିଲା । ଅବଶ୍ୟ ସେଥିଲାଗି କେବେ ଦୁଃଖ କରିନାହାଁନ୍ତି ଶକୁନ୍ତଳା । ଭାରତୀୟ ସଂସ୍କୃତି ବିଚାର ଧାରାରେ ତାଙ୍କର ଅଗାଧ ବିଶ୍ୱାସ । ବାହ୍ୟ ସୌନ୍ଦର୍ଯ୍ୟ ଅପେକ୍ଷା ମନରେ ସୌନ୍ଦର୍ଯ୍ୟରେ ସେ ବେଶି ବିଶ୍ୱାସ ରଖୁଥିଲେ । ମାତ୍ର ଆଜି ଝିଅଟିଏ ପ୍ରଶ୍ନ ପଚାରିଛି ମା'କୁ । ସେ ବିଉଟିପାରଲର ଯିବାକୁ ଚାହେଁ, ଫେସିଆଲ କରିବାକୁ ଚାହେଁ, ୱାକ୍‌ସିଙ୍ଗ୍ କରିବାକୁ ଚାହେଁ । ତା ବିଚାରରେ ସେସବୁ କଲେ ସେ ଅଧିକ ସୁନ୍ଦର ଦିଶିବ ଓ ତା ସାଙ୍ଗମାନଙ୍କ ସହିତ ମିଶିପାରିବ । ଶକୁନ୍ତଳା ଅନେକ ଶବ୍ଦର ଅର୍ଥ ବୁଝିପାରିନଥିଲେ । ମାତ୍ର ଅନି କହିବା ମୁତାବକ ବିଉଟିପାରଲର ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

ଅନନ୍ୟା କିଛିଦିନ ହେବ ଶକୁନ୍ତଳାଙ୍କ ସହିତ କଥାବାର୍ତ୍ତା କରୁନଥିଲା । ତାର ଗୋଟିଏ ଜିଦ୍ ସେ ବିଉଟିପାରଲର ଯିବ । ଶକୁନ୍ତଳା 'ହ' କି 'ନା' କହିପାରୁ ନାହାଁନ୍ତି । ପ୍ରକାଶ ଜାଣିଲେ ସିଧା ମନା କରିଦେବେ । ଏଇସବୁ ଦ୍ୱନ୍ଦ୍ୱ ଭିତରେ ତାଙ୍କର ଦେଖା ବାଲ୍ୟ ବାନ୍ଧବୀ ଛନ୍ଦା ସହିତ । ଏକ ବିବାହ ଭୋଜିରେ ଦେଖା, ସେ ଛନ୍ଦାକୁ ଚିହ୍ନି ପାରିଲେନି । ମାତ୍ର ଛନ୍ଦା ସହଜରେ ତାଙ୍କୁ ଚିହ୍ନି ନେଲା । "କିଲୋ ଶକୁ, ଏତେ ବୁଢ଼ୀ ଦେଖା ଯାଉଛୁ କାହିଁକି ? କ'ଣ ଦେହ ଭଲ ନଥିଲା କି ? ମୋତେ ଚିହ୍ନି ପାରୁଛୁ ? କହିଲୁ ମୁଁ କିଏ ?" ଏପରି ସମ୍ବୋଧନରେ ଶକୁନ୍ତଳା ହଡ଼ବଡ଼େଇ ଗଲେ । ସ୍ୱର ତ ଚିହ୍ନା ଚିହ୍ନା ଲାଗୁଛି, ମାତ୍ର ଚେହେରା ନୁହେଁ । "ଆଲୋ ମୁଁ ଛନ୍ଦା, ଏତେ ସହଜରେ ତୋ ବାଲ୍ୟବାନ୍ଧବୀକୁ ଭୁଲିଗଲୁ କିପରି ?" ଅଭିଯୋଗ କଲା ଛନ୍ଦା । ଶକୁନ୍ତଳା ବିଶ୍ୱାସ କରିପାରିଲାନି । ମାତ୍ର ତାଙ୍କ ଆଗରେ ତାଙ୍କ ବାନ୍ଧବୀ, ସୁନ୍ଦରୀ ଛନ୍ଦା ଛିଡ଼ା ହୋଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟ ହେଉଥିଲେ ଛନ୍ଦାର ରୂପ ଲାବଣ୍ୟ ଦେଖି । ଏଇ ସେଇ ସିଂଘାଣିନାକି ଛନ୍ଦା, ବିଶ୍ୱାସ ହେଉନଥିଲା । ଏବେ ଚିହ୍ନିପାରୁଛୁ ଆଉ ଅବିଶ୍ୱାସ... ମୁଁ ଛନ୍ଦା ନୁହେଁ ବୋଲି ।' ପୁଣି ଛନ୍ଦାର ପ୍ରଶ୍ନ । ଶକୁନ୍ତଳା ସ୍ମିତ ହସଟିଏ ହସି ଛନ୍ଦାକୁ କୁଣ୍ଢେଇ ପକେଇଲେ । ମନରେ ଅନେକ ପ୍ରଶ୍ନ ମାତ୍ର ପଚାରିବେ କିପରି ? 'ତୁ ଆଗେ କହ ତୁ ଏତେ ବୁଢ଼ୀ ପରି ଦେଖାଯାଉଛୁ, କାହିଁକି ? କ'ଣ ପତିଦେବ ପଇସା ଦେଉନାହାଁନ୍ତି ବିଉଟିପାରଲର ଯିବାକୁ ? ନା ବୁଢ଼ୀ ହେବାର ସଉକ ତୋର ? ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥିଲେ ଛନ୍ଦା । 'ବିଉଟି ପାରଲର'ଶବ୍ଦଟା ଶୁଣି ଚମକି ପଡ଼ିଲେ ଶକୁନ୍ତଳା । 'ଛନ୍ଦା ବୋଧେ ବିଉଟିପାରଲର ଯାଇ ଏତେ ସୁନ୍ଦର ଦେଖାଯାଉଛି' ମନେମନେ ଭାବିଲେ । ମାତ୍ର ପ୍ରଶ୍ନଟା ପଚାରି ପାରିଲେନି । କିଛି ସମୟ ପରେ ଛନ୍ଦା ନିଜେନିଜେ ସେ ପ୍ରଶ୍ନର ଉତ୍ତର ଦେଇଦେଲେ "ଆରେ ଶକୁ, ଯୁଗ ବଦଳି ଗଲାଣି । ସେ ତେଲ, ହଳଦୀ ଓ ଚନ୍ଦନର ଯୁଗ ଗଲାଣି । କହତ ନିଜକୁ ସୁନ୍ଦର କରି ରଖିବାର କିଛି କ୍ଷତି ଅଛି କି ? ଦେଖି ମୋତେ କେହି କହିବେକି ମୁଁ ପଇଁଚାଳିଶ ବର୍ଷର ମଧ୍ୟ ବୟସ୍କା ସ୍ତ୍ରୀ ଲୋକଟିଏ ? ତୁଟା ନା ରହିଗଲୁ ସେହି ସ୍କୁଲ ଫର୍ମୁଲାରେ ସ୍ନୋ ଲଗାଇବନି, ପାଉଡର ଲଗାଇବନି, କେଶ ଖୋଲା ରଖିବନି । କୁଆଡ଼େ ଗଲେ ତୁମ ଶ୍ରୀମାନ ତାଙ୍କୁ ଟିକେ ଜେରା କରିବାର ଅଛି । ଅଫିସକୁ ଗଲେ ପରଫ୍ୟୁମ୍ ଲଗେଇ ଯାଉଛନ୍ତି ନାଁ ନାହିଁ ?" ଗପୁଥିଲେ ଛନ୍ଦା । ଶକୁନ୍ତଳାଙ୍କ ମନ ଚାଲି ଯାଉଥିଲା ଅଭିମାନିନୀ ଝିଅ ଅନନ୍ୟା ଆଡ଼େ । ସେ ଅନ୍ୟମନସ୍କ ହୋଇ ଯାଉଥିଲେ । " ହଉ ଚାଲେ ସାଙ୍ଗ ହୋଇ ଖାଇବା । ମୋ ଠିକଣା, ଫୋନନମ୍ବର ଦେଉଛି । ଏହି ସହରରେ ରହୁଛେ ଅଥଚ କେତେ ବର୍ଷ ପରେ ସାକ୍ଷାତ ହେଉଛି ।" ଶକୁନ୍ତଳା ଛନ୍ଦାଙ୍କ ହଁରେ ହଁ ମିଳାଇ ଚାଲିଥିଲେ । ମନଟା କିନ୍ତୁ ଚାଲି ଯାଉଥିଲା ଝିଅ ଅନନ୍ୟାର କାନ୍ଦକାନ୍ଦ ମୁହଁ ଆଡ଼େ । 'ହଁ' ଯୁଗ ବଦଳି ଯାଉଛି, ସେ ବଦଳି ନାହାଁନ୍ତି । ତାଙ୍କୁ ବି ବଦଳିବାକୁ ହେବ ଦୁନିଆ ସାଙ୍ଗରେ ତାଳ ମିଳାଇ ଚାଲିବାକୁ ଭାବୁଥିଲେ ଶକୁନ୍ତଳା । ବିଭାଘର ଭୋଜିରୁ ଘରକୁ ଫେରିଥିଲେ । ସେତେବେଳକୁ ଅନନ୍ୟା ଶୋଇ ଯାଇଥିଲା । ଚୁପ୍‌ଚାପ୍ ତା ଶୋଇବାଘରେ ପଶି ସ୍ନେହରେ ତା ମୁଣ୍ଡକୁ ଆଉଁସି ଦେଲେ, ଆସନ୍ତାକାଲି ରବିବାର । ଅନିକୁ ନେଇ ସେ କାଲି ରାଜକୁମାରୀ ବିଉଟିପାରଲରକୁ ଯିବେ, ଏକଥା ତାଙ୍କ ମନରେ ସ୍ଥିର କରି ସାରିଥିଲେ । ମୁଁ ଆଉ ଅନି, ରାଜକୁମାରୀ ବିଉଟି ପାରଲରକୁ ଯାଉଛୁ । ହଜାରେ ଟଙ୍କା ଦିଅ । ଆସୁ ଆସୁ ଡେରି ହେବ । ରୋଷେଇ କରି ଦେଇଛି । ଆମ ଲାଗି ଅପେକ୍ଷା କରିବନି, ପ୍ରାତଃ ଭୋଜନ କାଳରେ ଘୋଷଣା କଲେ ଶକୁନ୍ତଳା । ଅନି ଓ ପ୍ରକାଶ ଆଶ୍ଚର୍ଯ୍ୟ ହୋଇ ପରସ୍ପର ଆଡ଼େ ଚାହିଁଥିଲେ । କାହାରି ପାଟିରୁ କଥା ବାହାରିଲାନି, ଅନନ୍ୟାର ଖୁସିରେ ପ୍ରକାଶଙ୍କର ଆଶ୍ଚର୍ଯ୍ୟ । ଆମେ ଦି ଜଣଙ୍କୁ ଟିକେ ରାଜମହଲ ଛକ ପାଖରେ ଛାଡ଼ିଦିଅ ପୁଣି ଆଉ ଗୋଟେ ଦାବି । ପ୍ରକାଶ କିଛି ନ କହି ପ୍ୟାଂଟ ସାର୍ଟ ପିନ୍ଧି ଗାଡ଼ିଟିକୁ ଗ୍ୟାରେଜରୁ ବାହାର କରି ଅପେକ୍ଷା କଲେ ମା' ଝିଅଙ୍କର ଘରୁ ବାହାରିବା ପର୍ଯ୍ୟନ୍ତ । ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚଲାଉ ଚଲାଉ ପଚାରିଲେ ପ୍ରକାଶ ଶକୁନ୍ତଳାଙ୍କୁ "ହଠାତ୍ ଏଇଟାର ଆବଶ୍ୟକତା କାହିଁକି ? ଝିଅ କଥା ଅଲଗା । ଏ ବୟସରେ ତମର ବିଉଟିପାରଲର ଯିବାର ଆବଶ୍ୟକତା କଣ ?" ଶକୁନ୍ତଳା ସ୍ମିତ ହସି ହସି କହିଲେ ତୁବେ ବୁଝିବନି । ଅଫିସକୁ କି ବାହାରକୁ ଗଲେ ବେଶ୍ ଦାମୀ ସେଂଟ ଲଗେଇ ଯାଉଛ । ଏ ବୟସରେ ସେ ସବୁର କ'ଣ ଆବଶ୍ୟକତା । ଜାଣିନ, ଆଜିକାଲି ଯୁଗରେ ଦେଖାଦେଖିରେ ସ୍ୱୟଂବର ହେଉଛି । ଝିଅଟିଏ ଗୁଣର ହୋଇପାରେ, ପାଠରେ ହୋଇପାରେ, ମାତ୍ର ସୁନ୍ଦର ଓ ସ୍ମାର୍ଟ ବି ଦେଖାଯିବା ଦରକାର । ନ ହେଲେ ଆଜିର ପ୍ରତିଯୋଗିତାରେ ଆମ ଅନିର ସ୍ଥାନ କେଉଁଠି ? ଚାକିରି ଲାଗି ଇଣ୍ଟରଭ୍ୟୁ ଲାଗିଗଲେ, ସେମାନେ ପାଠଶାଠକୁ ଦେଖିବା ସାଥେସାଥେ ସୁନ୍ଦରତା ଓ ସ୍ମାର୍ଟ ବେଶକୁ ଦେଖୁଛନ୍ତି । ତମେ ତ ସପ୍ତାହକୁ ସାତଦିନ ଅଫିସ୍ କାମରେ ବ୍ୟସ୍ତ । ଏସବୁ କଥା ଜାଣିବ କାହିଁକି ? ଝିଅଟିଏ କେବଳ ଗୁଣରେ ହେଲେ ତାକୁ କେହି ବୋହୂକରି ନଉ ନାହାଁନ୍ତି ।

ପ୍ରକାଶ ଶକୁନ୍ତଳାଙ୍କ କଥା ବୁଝିପାରୁନଥିଲେ । ଚୁପ୍‌ଚାପ୍ ରହୁଥିବା ଶକୁନ୍ତଳା ପ୍ରଗଲ୍ଭା ହୋଇ ଉଠିଛନ୍ତି । ଅନନ୍ୟା ବି ବୁଝି ପାରୁନଥିଲା ମା'ର ଏ ପରିବର୍ତ୍ତନର କାରଣ । ଶକୁନ୍ତଳା କିନ୍ତୁ ବୁଝିପାରିଥିଲେ ଛନ୍ଦାର ସୌନ୍ଦର୍ଯ୍ୟର କାରଣ । ତାଙ୍କୁ ଲାଗିଥିଲା ସେ ଅନନ୍ୟାକୁ ଆଗାମୀ ସ୍ୱୟମ୍ବର ଲାଗି ପ୍ରସ୍ତୁତ କରୁଛନ୍ତି, ବଦଳିଥିବା ଦୁନିଆ ହିସାବରେ ।

ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ, ବେଙ୍ଗାଲୁର
ମୋ:୦୯୯୮୦୩୦୦୭୫୧

ଇଜ୍ଜତ

ଇଂ. ବିଦ୍ୟାଧର ପଣ୍ଡା



ନାରୁର ମାଆ ହେଲା ସବୁକିଛି । ତା'ବାପାକୁ ସିଏ ଚିହ୍ନେନି କି ଜାଣେନି । ତା'ଙ୍କର ଶୋଇବାଘର କାନ୍ଥକଂଟାରେ ଗୋଟାଏ ବନ୍ଧେଇଫଟୋ କୋଉକାଳୁ ଟଙ୍ଗାହୋଇଛି । ସେ ଫଟୋଭିତରେ ଆଣ୍ଠୁ ଉପରକୁ ଧୋତିଲୁଗା ଉପରେ ପାବୀ ସାର୍ଟ ପିନ୍ଧି ଜଣେ ଛିଡା ହୋଇଛନ୍ତି । ବେଳେବେଳେ ମାଆକୁ ସେଇ ଫଟୋପାଖରେ ଛିଡାହୋଇ ଲୁହ ଗଡେଇବାର ସିଏ ଦେଖିଛି । ପର୍ବପର୍ବାଣି ଦିନରେ ନାରୁମା ସେ'ଫଟୋକୁ ପାଣିକନାରେ ପୋଛି ଦି'ତିନିଟା ଟଗରଫୁଲ ଗେଂଜିଦିଏ । ଛୁଆବେଳେ ନାରୁ ଦିନେ ତା'ମାଆକୁ ସେ ଫଟୋରେ କିଏ ବୋଲି ପଚାରିବାରୁ ସିଏ ତା'ବାପା ବୋଲି କହିଥିଲା । ନାରୁ ଫଟୋଭିତରେ ବାପା ଅଛି ବୋଲି ଜାଣିଲାପରେ ବେଳେବେଳେ ସେ ଫଟୋ ସାମ୍ନାରେ ହାତଯୋଡି ଛିଡାହୁଏ । ମାଆ ନାଁରେ ଅଭିଯୋଗ କରେ । ଖନେଇ ଖନେଇ କୁହେ ମିନାବାପା ତା'ପାଇଁ କେତେ କ'ଣ ଜିନିଷ, ଚକଲେଟ୍, ମିଠେଇ ଓ ଖେଳଣା ଆଣୁଛନ୍ତି । ତୁମେ କାହିଁକି ସେହି ଫଟୋଭିତରେ ସଦାବେଳେ ଛିଡା ହୋଇ ରହିଛ ? ବାହାରକୁ ଯାଉନ କି ମୋ ପାଇଁ କିଛି ଆଣୁନ ! ମାଆ କେତେ କାମ କରୁଛି । ମିନାମା କିଛି କରୁନି । ଖାଲି ରୋଷେଇ କରି ଖାଇବାକୁ ଦେଉଛି, ଆଉ ଶୋଉଛି । ମୋ'ମାଆ ରୋଷେଇ କରି କେତେ କାହାର ଚିରାଫଟା ଲୁଗା ସିଲେଇ କରି ପଇସା ରୋଜଗାର କରୁଛି । ତା'କୁ ଶୋଇବାକୁ ଫୁରୁସତ ନାହିଁ । ସଦାବେଳେ କାମ କାମ କାମ । ଦିନେ ନାରୁ ସେ ଫଟୋସାମ୍ନାରେ ଛିଡା ହୋଇ ଏମିତି କହୁଥିବା ଦେଖି ମାଆ ସବିତା ତା'କୁ ଛାତିରେ ଜାବୁଡି ଧରି କାନ୍ଦିଲେ । କହିଲେ ବାପାଙ୍କୁ ଏମିତି କହିବୁନି । ତୋ'ପାଇଁ ମୁଁ ଅଛି । ମୁଁ ତୋ'ର ବାପା ଏବଂ ମାଆ । ଅନ୍ୟକାହା କଥାରେ ଆମର କି ଯାଏ ଆସେ ! କାଲିକା କାଲି ତୁ ଡାକ୍ତର ହେଲେ ମନଇଚ୍ଛା କେତେ ମିଠେଇ ଖାଇବୁ । ଖାଲି ମନଦେଇ ପାଠ ପଢ । ବର୍ଷକେଇଟା କାନ କୁଣ୍ଢେଇଲା ପରି ଚାଲିଯିବ । ତୋ'ମୁଣ୍ଡକୁ ହାତ ପାଇଗଲେ ଆମ ଅବସ୍ଥା ନିଶ୍ଚୟ ଦିନେ ବଦଳିଯିବ । ନାରୁ ଛଅମାସର ହୋଇଥିଲା ବେଳେ ଶଙ୍କର ଆରପାରିକୁ ଚାଲିଗଲେ । ତାଙ୍କର ଇଚ୍ଛା ଥିଲା ପୁଅକୁ ଡାକ୍ତରଟିଏ କଲେ ରୋଗୀସେବା କରିବ । ଗାଁ ଗଣ୍ଡାରେ ସାମାନ୍ୟ ଜ୍ୱରରୋଗରେ ବି ଲୋକ କାଳ ହୋଇଯାଉଛନ୍ତି । ଶଙ୍କର ବି ସେମିତି ଏକ ରୋଗରେ ଚାଲିଗଲେ । ଡାକ୍ତର ସବିତାକୁ କହିଲେ ବୋଧେ ମସ୍ତିଷ୍କ ଜ୍ୱର ହୋଇଥିଲା । ସେଦିନଠାରୁ ସବିତା ଅକ୍ଳାନ୍ତ ପରିଶ୍ରମ କରି ନାରୁକୁ ପାଠ ପଢାଉଛି । ଗାଈଦୁଇଟି ରଖି କ୍ଷୀର ବିକୁଛି । ଦିନଯାକ ବାରଣ୍ଡାରେ ସିଲେଇ ମେସିନ୍‌ଟିଏ ପକେଇ ଗାଁ ଗହଳି ଲୋକଙ୍କର ଚିରାଫଟାଲୁଗା ରଫୁସିଲେଇ ମାରିବା ସହ ନୂଆ ସାୟା, ବ୍ଲାଉଜ୍ ଆଦି ବି ସେଥିରେ ସିଲେଇ କରି ଦେଉଛି । ନିଜେ ଯାହିତାହି ଚଳି ସବୁପଇସା ନାରୁ ପିଛା ଖର୍ଚ୍ଚ କରୁଛି । ନାରୁ ଯେବେଠାରୁ ଡାକ୍ତରି ପ୍ରବେଶ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରି ପାଠ୍ୟକ୍ରମରେ ନାଁ ଲେଖେଇଲାଣି ସବିତାଙ୍କୁ ଆଉ ରାତିରେ ନିଦ ନାହିଁ । ଫୁକିଆତାରା ଉଇଁଲା ପରେ ଉଠି ଗାଈପାଇଁ ଘାସ ଆଣିବାକୁ ଯିବାକୁ ହୁଏ । ଗୁହାଳଗୋବର ସଫା କରି ଗାଈ ଦୁଇଟାକୁ ଖୁଆଇପିଆଇ କ୍ଷୀରଦୁହାଁ ସାରିଲା ବେଳକୁ ସକାଳ ଆଠଟା । ଆଖପାଖର ନାଗୁଆ ଗରାକମାନେ କ୍ଷୀରନେବାକୁ ଆଠଟା ପରେ ଗୋଟିଏ ଗୋଟିଏ ଆସନ୍ତି । କ୍ଷୀରଦିଆ ସରିଲେ ନିଜେ ମୁଢିଗିନାଏ ସହ ଚାଟିକେ ପିଇ ସିଲେଇ ମେସିନ ପଛରେ ବସନ୍ତି ଯେ ଉଠୁଉଠୁ ଦ୍ୱିପ୍ରହର । କ'ଣ ଗଣ୍ଡାଏ ଫୁଟେଇ ଲୁଣଲଙ୍କା ଦଳି ଖାଇଦେଇ ବିଛଣା ଧରୁଧରୁ ନିଦ ହୋଇଯାଏ । ପୁଣି ଅପରାହ୍ନ ତିନିଟାରୁ ପାଂଚଟା ସିଲେଇ ଓ ତାପରେ ଗାଈପାଇଁ କୁଳୁଚି ରନ୍ଧା ଖିଆ ଆଦିକାମ ସରୁସରୁ ରାତି ସାତଟା । ରାତି ଖାଇବାର ନିଜପାଇଁ ରୋଷେଇ ସାରି ସିଲେଇ ମେସିନ ଧରନ୍ତି ଯେ ଜରୁରୀ ସିଲେଇ କାମତକ ସରିବା ଯାଏ ସେମିତି ବସି ଖଟିବାକୁ ହୁଏ । କେବେକେବେ ରାତି ବାରଟା କି ଗୋଟାଏ ବାଜେ । ରାତ୍ରୀ ଭୋଜନ ଖାଇ ଶୋଇବାବେଳୁ ଦୁଇଟା ରାତି । ମାତ୍ର ଦୁଇଘଂଟା ପରେ ଗାଣ୍ଡୁଆଧରି ଘାସପାଇଁ ବାହାରି ଯାଆନ୍ତି । ଏସବୁ ପରିଶ୍ରମ ତାଙ୍କୁ ଆଦୌ ବାଧେନି, କାରଣ ଆଖି ଆଗରେ ସଦାବେଳେ ନାରୁର ଧଳାଆପ୍ରୋନ ପିନ୍ଧାବେକରେ ଷ୍ଟେଥୋସ୍କୋପ୍ ଗୁଡାଯାଇଥିବା ଡାକ୍ତର ଚେହେରା ନାଚୁଥାଏ । ସବିତାଙ୍କର ବହୁଦିନର ସ୍ୱପ୍ନ ପୁରଣ ହେବାକୁ ଆଉ ମାତ୍ର ଅଳ୍ପଦିନ ବାକି । ମିନା ନାରୁର ପିଲାବେଳର ସାଙ୍ଗ । ଦେଖିବାକୁ ଯେମିତି ସୁନ୍ଦର ବ୍ୟବହାର ବି ସେମିତି ଭଲ । ସ୍କୁଲ୍‌ରେ ପଢିଲାବେଳେ ମିନା ପ୍ରଥମ ହେଲେ ନାରୁ ଦ୍ୱିତୀୟ ହୁଏ । ଦୁହିଁଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ । ଗାଁ ସ୍କୁଲ୍ ପଢା ସାରି ଦୁହେଁ ଏକା କଲେଜରେ ପଢିଲେ । ତାପରେ ଏବେ ମିନା ବି ସେହି ଏକା ଡାକ୍ତରୀ ମହାବିଦ୍ୟାଳୟରେ ନାରୁସାଙ୍ଗରେ ସେଇ ଏକା ପାଠ୍ୟକ୍ରମରେ ନାଁ ଲେଖେଇଛି । ଛୁଆଦିନର ସାଙ୍ଗ ଯେତେବେଳେ ସେମାନେ ଖୋଲାଖୋଲି ମିଶିଲେ କେହି ସେମିତି କିଛି ଭାବନ୍ତିନି । କିଛିଦିନ ହେଲା ଦୁହିଁଙ୍କ ଭିତରେ ପ୍ରେମ ବି ଆରମ୍ଭ ହୋଇସାରିଲାଣି । କିନ୍ତୁ ନାରୁ ମିନାକୁ ସଫା କହିଛି ଯେ ମାଆ କଥାରେ ତା କଥା । ମାଆ ରାଜିହେଲେ ଯାଇ ସିଏ ତାକୁ ବିବାହ କଥା ଚିନ୍ତା କରିବ, ନହେଲେ ନାହିଁ । ମିନା ଭାବିଲା ତେବେ ନାରୁ ମାଆକୁ ପଟେଇବାକୁ ପଡିବ । ଗତ ଗଣେଶପୂଜା ଦୁଇଦିନ ଛୁଟିରେ ମିନା ଘରକୁ ଆସି ନାରୁମାଆ ସାଙ୍ଗ

ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ

କେନ୍ଦ୍ରାପଡ଼ା,୧୭।୧ (ନି.ପ୍ର): ଭାଜପା କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଦେଶରେ କରୋନା ମହାମାରୀ କୁ ହରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାହସିକ ପଦକ୍ଷେପ ଓ ଭାରତୀୟ ଜ୍ଞାନ କୌଶଳରେ ତିଆରି କରାଯାଇ ଥିବା ଭ୍ୟାକସିନ୍ (ଟୀକା) ଭାରତକୁ ଆତ୍ମ ନିର୍ଭର ଶୀଳ ଆଡକୁ ଆଗେଇ ନେଇଯାଇଛି । କେନ୍ଦ୍ରାପଡା ଜିଲ୍ଲାକୁ କୋଭିଡ-୧୯ ଭ୍ୟାକସିନ୍ ପହଁଚାଇଥିବା ଓ ଏହାକୁ ପ୍ରାଥମିକ ପର୍ଯ୍ୟାୟରେ କରୋନା ଯୋଦ୍ଧା ମାନଙ୍କୁ ସମ୍ମାନିତ କରାଯାଇ ଥିବାରୁ ଖୁସିର ଲହରୀ ଖେଳିଯାଇଛି । ଏହି ଅବସର ରେ ରାଷ୍ଟ୍ରିୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର, ଡ଼ଃ ଅଲେଖ କୁମାର ଜେନା, ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ବିଜୟ ପ୍ରଧାନ, ଦୋଳ ଗୋବିନ୍ଦ ନାୟକଙ୍କ ସମେତ ସମସ୍ତ ମଣ୍ଡଳର ସଭାପତି ତଥା ଉପ ସଭାପତି ଉପିନ ରାଉତ ପ୍ରମୁଖ ପ୍ରଧାନମନ୍ତ୍ରୀ ମେଦୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଗ୍ରାମବାସୀଙ୍କ ସହାୟତାରେ ତିନି ଡ଼କାୟତଙ୍କୁ ଧରିଲା ପୋଲିସ

ବଲାଙ୍ଗିର,୧୭।୧ (ନି.ପ୍ର): ଡ଼କାୟତଙ୍କ ସହିତ ପୋଲିସର ମୁହାଁମୁହିଁ ହୋଇଛି । ତେବେ ଗ୍ରାମବାସୀଙ୍କ ସହାୟତାରେ ୩ ଡ଼କାୟତଙ୍କୁ କାବୁ କରିଛି ପୋଲିସ । ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ କୁଟାସିଂହା ଗାଁ ଜଙ୍ଗଲରୁ ଧରାପଡିଛନ୍ତି ଏହି ୩ ଡ଼କାୟତ । ଗିରଫ ୩ ଡ଼କାୟତଙ୍କ ମଧ୍ୟରୁ ଜଣେ ଛତିଶଗଡ଼ର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସ୍ଥାନୀୟ ଅଂଚଳର ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଜଣେ ଯୁବକଙ୍କ ଠାରୁ ଲୁଟ୍ କରି ଚମ୍ପଟ୍ ମାରୁଥିଲେ ୫ ଜଣ ଡ଼କାୟତ । ପୋଲିସ ସେମାନଙ୍କ ପିଛା କରିବା ବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇବାକୁ ଉଦ୍ୟମ କରିଥିଲେ । ଘଟଣାସ୍ଥଳରେ ଗ୍ରାମବାସୀ ପହଂଚି ପୋଲିସ ସହ ଘେରାବନ୍ଦୀ କରିଥିଲେ । ଘେରାବନ୍ଦୀ ପରେ ତିନି ଜଣ ଡ଼କାୟତ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି ।

ମେଳା ବ୍ୟବସାୟୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧୭।୧ (ନି.ପ୍ର): ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘ ଜିଲ୍ଲାପାଳଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ମେଳା ଖୋଲିବା ପାଇଁ ଅନୁମତି ପ୍ରଦାନ ପାଇଁ ଦାବି କରିଛନ୍ତି । ଜିଲ୍ଲାରେ ହେଉଥିବା ବିଭିନ୍ନ ସ୍ଥାନରେ ପୂଜା,ପର୍ବାଣୀ ଓ ଯାତ୍ରାରେ ଏହି ମେଳା ବ୍ୟବସାୟୀ ନିଜ ନିଜର ବ୍ୟବସାୟ କରି ପରିବାର ଚଳାଉ ଥିଲେ । ମାତ୍ର ଦୀର୍ଘ ୧୦ ମାସ ହେବ ମେଳା ବନ୍ଦ ଥିବାରୁ ଏହି କ୍ଷୁଦ୍ର ବ୍ୟବସାୟୀ ମାନଙ୍କର ଅବସ୍ଥା ଶୋଚନୀୟ ହୋଇଯାଇଛି । ସରକାରଙ୍କ ତରଫରୁ ଏମାନଙ୍କୁ ବିନା ସୁଦ୍ଧରେ ଋଣ ପ୍ରଦାନ, ବୀମା ପ୍ରଦାନ ପ୍ରଭୃତି ଦାବି ନେଇ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ମହମ୍ମଦ ଇଲିଆସ, କାର୍ଯ୍ୟକାରୀ ସଭାପତି ରମଣୀ ରଞ୍ଜନ ରାଉତରାୟ, ସଂପାଦକ ଚିତ ରଞ୍ଜନ ମହାନ୍ତି,ଦିଲିପ ବେହେରା, ରୀନା ସାନା, ଗୋପାଳ ଚନ୍ଦ୍ର ସାହୁ , ସୁନାକର ସାହୁ, ବାବାଜୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ପୁଅବୋହୂର ନିର୍ଯ୍ୟାତନା ସହିନପାରି ଥାନାରେ ଦ୍ୱାରସ୍ଥ ହେଲେ ବୃଦ୍ଧ ବାପା ଓ ମା'

ନୀଳଗିରି,୧୭।୧ (ନି.ପ୍ର): ବାର୍ଦ୍ଧକ୍ୟରେ ବାପା ମା ର ଆଶାବାଡି ସାଜି କୂଳରକ୍ଷା କରିବାର ସ୍ୱପ୍ନ ନେଇ ପୁଅଟିଏ ପାଇଁ ୮ ବାର ସାତ ଉଷା କରି କେତେ ଦେବାଦେବୀଙ୍କ ଶରଣାପନ୍ନ ହୋଇଥାନ୍ତି ବାପା ମାଆ । ପୁଅଟିଏ ଜନ୍ମ ପରେ ବାପା ମାଆଙ୍କ ମନରେ ଆନନ୍ଦର ଉଲ୍ଲାସ ଭରି ଯାଇଥାଏ । ଏନ୍ତୁଡ଼ି ଶାଳରୁ ବାହାବେଦି ଯାଏଁ ବାପା ମାଆ ପୁଅର ଯତ୍ନ ନେଇଥିବା ବେଳେ ପୁଅର ବିବାହ ପରେ ସ୍ତ୍ରୀ ବୁଦ୍ଧିରେ ପଡ଼ି ବାପା ମାଆ ପ୍ରତି ନିର୍ଦ୍ଦୟ ହୋଇପଡେ । ପୁଅ ଓ ବୋହୂର ନିର୍ଯ୍ୟାତନାର ଶୀକାର ହୋଇ ଦୁନିଆଁ ଆଗରେ ବାପା ମାଆ ହୋଇଯାନ୍ତି ଏକୁଟିଆ । ସଭ୍ୟ ସମାଜର କଷଟି ପଥରରେ ଘଷି ହୋଇଯାନ୍ତି ଜନ୍ମଧାତ୍ରୀ ମାଆ ଓ ବାପା । ଏହିପରି ଏକ ସମ୍ବେଦନଶୀଳ ଘଟଣା ନୀଳଗିରି ସହରରେ ଦେଖିବାକୁ ମିଳିଛି । ଏକମାତ୍ର ପୁଅ ବୃଦ୍ଧା ଅବସ୍ଥାରେ ବାପା ମାଆକୁ ପିଟାମରା କରିବା ସହ ଘରୁ ତଡ଼ିଦେବା ଘଟଣା ସମସ୍ତଙ୍କୁ ଚକିତ କରିଥିବା ବେଳେ ବୁଢ଼ାବୁଢ଼ୀ ୨ଜଣ ନୀଳଗିରି ଥାନାରେ ଆଶ୍ରୟ ନେବା ପରେ ନୀଳଗିରି ଥାନାର ସବ୍‌ଇନିସ୍‌ପେକ୍ଟ ବାସୁଦେବ ଜୟସିଂହ ବେସାହାରା ବାପା ମାଆକୁ ମାନବିକତା ଦେଖାଇ ବୃଦ୍ଧବୃଦ୍ଧାଙ୍କ ହାତ ଧରି ଥାନାରେ ବସାଇବା ସହିତ ତୁରନ୍ତ ନ୍ୟାୟ ପାଇଁ ପୁଅକୁ ଥାନାକୁ ଡକାଇ ବିଚାର କରି ପୁଣି ସବଇନିସପେକ୍ଟର ଜୟ ସିଂ ମାନବିକତାର ପରିଚୟ ଦେଖାଇଛନ୍ତି । ଯାହାକୁ ନେଇ ନୀଳଗିରିରେ ଚର୍ଚ୍ଚା ଚାଲିଛି । ସୂଚନା ଅନୁସାରେ ନୀଳଗିରି ଏନ୍.ଏ.ସି. ସାନଅତା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡା (୭୨), ସ୍ତ୍ରୀ ପଦ୍ମାବତୀ ପଣ୍ଡାଙ୍କ ଏକମାତ୍ର ପୁତ୍ର ପ୍ରମୋଦ କୁମାର

ପଣ୍ଡା ନିଜ ସ୍ତ୍ରୀ ଓ ଶ୍ୱଶୁରଘର ଲୋକଙ୍କ ବୁଦ୍ଧିରେ ପରିଚାଳିତ ହୋଇ ବାପା ମାଆଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ପିଟାମରା କରୁଥିଲା । ବାରମ୍ବାର ଏହିଭଳି ନିର୍ଯ୍ୟାତନା ଦେଇଆସୁଥିବା ପୁଅବୋହୂ ଶେଷର ଆଜି ବାପା ମାଆକୁ ଘର ବାହାର କରି ଦେଇଥିଲା । ଫଳରେ ବୁଢ଼ାବୁଢ଼ୀ ଦୁଇଜଣ କାନ୍ଦି କାନ୍ଦି ନୀଳଗିରି ଥାନାରେ ପୁଅ, ସ୍ତ୍ରୀ, ତାର ଶ୍ୱଶୁର ଓ ଶାଳୀ ନାମରେ ଅଭିଯୋଗ କରିଛନ୍ତି । ଥାନା ଆମ୍ବଗଛ ପିଣ୍ଡିରେ ବୁଢ଼ାବୁଢ଼ୀ ଦୁଇଜଣ ନିଜ ଭାଗ୍ୟକୁ ଆଦରି କାନ୍ଦୁଥିବା ବେଳେ ଥାନାର ସବ୍‌ଇନିସ୍‌ପେକ୍ଟର ବାସୁଦେବ ଜୟସିଂହ ବୃଦ୍ଧ ବାପା ମାଆକୁ ଆଣି ଚେୟାରରେ ବସାଇବା ସହିତ ପୁଅ ପ୍ରମୋଦକୁ ସଙ୍ଗେ ସଙ୍ଗେ ଥାନାକୁ ଡକାଇଥିଲେ । ପୁଅ ପ୍ରମୋଦ ଜୀବନରେ କେବେ ନିଜର ବାପା ମାଆକୁ ଗାଳି ଗୁଲଜ, ପିଟାମରା ଓ ବେସାହାରା କରିବ ନାହିଁ ବୋଲି ଥାନାରେ ଲିଖିତ ପ୍ରତିଶୃତି ଦେଲା ପରେ ପ୍ରମୋଦ ନିଜର ବାପା ମାଆଙ୍କ ଠାରେ ନିଜର ଭୁଲ୍ ସ୍ୱୀକାର କରି ଘରକୁ ପାଛୋଟି ନେଇଥିଲେ । ଜଣେ ପୋଲିସ୍ ବାବୁଙ୍କର ଏପରି କାର୍ଯ୍ୟକଳାପକୁ ସାଧାରଣରେ ବେଶ ପ୍ରଶଂସା କରାଯାଉଛି ।

ଧାନମଣ୍ଡିର ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ବିଜେପି ପକ୍ଷରୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୭।୧ (ନି.ପ୍ର): ବିଜେପି କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲାରେ ବିଭିନ୍ନ ଅଂଚଳରେ ଧାନ ମଣ୍ଡିରେ ହେଉଥିବା ସମସ୍ୟା ବିଷୟରେ ଜିଲ୍ଲାପାଳ ଅମ୍ରିତ୍ ରତୁରାଜଙ୍କୁ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଜିଲ୍ଲାରେ ବିଭିନ୍ନ ଧାନମଣ୍ଡି ଗୁଡିକରେ ଅନିୟମିତତା ସଂପର୍କରେ ଦାବି କରିଥିଲେ । ଜିଲ୍ଲାପାଳ ଙ୍କ ସହିତ ଆଲୋଚନା ସମୟରେ କେନ୍ଦ୍ରାପଡା ଏକ ଉପାନ୍ତ ଅଂଚଳ, ଜିଲ୍ଲାର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି । ବର୍ତମାନ ଚାଷୀଙ୍କୁ ଅଭାବୀ ବିକ୍ରି ଭଳି ପାରମ୍ପରିକ ମୁକ୍ତି ନମିଳିଛି ସେ ଯାଏ କୃଷି ବା କୃଷକର ଉନ୍ନତି ହୋଇପାରିବ ନାହିଁ ବୋଲି ବିଜେପି ତରଫରୁ ଅବଗତ କରାଯାଇଛି । ବିଜେପି ତରଫରୁ କେନ୍ଦ୍ରାପଡା ଏବଂ ରାଜନଗର କେତେ ଗୋଟି ଧାନମଣ୍ଡିକୁ ମଣ୍ଡିଚଲୋ ଅଭିଯାନ ସମୟରେ ଚାଷୀ ମାନଙ୍କୁ ଭେଟିବାରେ ଚାଷୀ ନିଜର କୋହ ପ୍ରକାଶ କରିଥିଲେ । ମଣ୍ଡିର ଭିତିଭୂମି ଓ ମାନ ନିର୍ଦ୍ଧାରଣ ବାସ୍ତବ ବ୍ୟବସ୍ଥାକୁ ତଦାରଖ କରିବାରୁ ମିଲର, ଡିଲର, ଦଲାଲ ମାନେ ଚାଷୀକୁ ଶୋଷଣ କରିବା ସହ ସରକାରଙ୍କ ଗାଇଡ ଲାଇନକୁ ଫାଙ୍କିବାରେ ଲାଗିଛନ୍ତି । ଏହି ଆଲୋଚନା ସମୟରେ ପୂର୍ବତନ ବିଧାୟକ ଅଲେଖ ଜେନା, ଉପିନ ରାଉତ, ଅଭିମନ୍ୟୁ ଗୋଛାୟତ, ନେହେରୁ ସାହୁ, ରଞ୍ଜିତ ଆଚାର୍ଯ୍ୟ, ମୁକ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ପକ୍ଷରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କୋରେଇ,୧୭।୧ (ନି.ପ୍ର): ଜାନୁଆରୀ ୧୮ରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ପକ୍ଷରୁ ରାଜ୍ୟର ସମସ୍ତ ଉପ ଜିଲ୍ଲାପାଳ କାର୍ଯ୍ୟାଳୟମ୍ମୁଖରେ ବିକ୍ଷୋଭ ଓ ସତ୍ୟାଗ୍ରହ କରାଯିବ । ଏହାକୁ ପାଳନ କରିବା ପାଇଁ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମଧ୍ୟ ନିଷ୍ପତି ନିଆଯାଇଛି । ବେକାର ଯୁବକଙ୍କୁ ନିଯୁକ୍ତି ନଚେତ ବେକାରୀ ଭତା, ଘରୋଇ କ୍ଷେତ୍ରରେ ସ୍ଥାନୀୟ ବେକାର ଯୁବକଙ୍କ ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, କେନ୍ଦ୍ର ସରକାର ତୁରନ୍ତ କୃଷେ ବିରୋଧି ୩ଟି କଳା ଆଇନକୁ ପ୍ରତ୍ୟାହାର କରିବା, କେନ୍ଦ୍ର ସରକାର ଶ୍ରମିକ ବିରୋଧି ୪ଟି ଶ୍ରମିକ କୋଡ଼ୁ ତୁରନ୍ତ ପ୍ରତ୍ୟାହାର ନିଯୁକ୍ତି ସୃଷ୍ଟିକାରୀ ରାଷ୍ଟ୍ରାୟତ ଉଦ୍ୟୋଗ ବିକ୍ରି ବନ୍ଦ କରିବା, କୋଭିଡ-୧୯ ମହାମାରୀ ଯୋଗୁ କର୍ମ ହରାଇଥିବା ପ୍ରବାସୀ ଶ୍ରମିକ ଓ ଯୁବକ ମାନଙ୍କୁ ରୋଜଗାର ଦେବା, ରାଜ୍ୟରେ ସମସ୍ତଙ୍କୁ ମାଗଣାରେ ତୁରନ୍ତ କୋଭିଡ ଟିକା ଦେବା ଦାବିରେ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ସହ ସତ୍ୟାଗ୍ରହ କରାଯିବ ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖା ଯାଜପୁରର ଜିଲ୍ଲା ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

ଚାକିରୀ ଦେବା ନାମରେ ଅଟକ ରଖିବା ଅଭିଯୋଗ

ଦୁଇ ଯୁବତୀ ଉଦ୍ଧାର : କମ୍ପାନୀର ତିନି କର୍ମଚାରୀ ଅଟକ

ସୁନ୍ଦରଗଡ଼,୧୭।୧ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ଏସବିଆଇ ପଛପାର୍ଶ୍ୱ ଏକ ଘରୁ ଦୁଇ ଜଣ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି । କୁଆଁରମୁଣ୍ଡା ଓ ରଘୁନାଥପାଲି ପୋଲିସର ମିଳିତ ଉଦ୍ୟମରେ ସମ୍ପୃକ୍ତ ଦୁଇ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ସେଠାରେ ଚାଲିଥିବା ଘରୋଇ କମ୍ପାନୀ ନାମରେ ପରିବାରର ଅଭିଯୋଗ ପରେ ପୋଲିସ ପକ୍ଷରୁ ଏହି ଚଢ଼ଉ ହୋଇଛି । ଚାକିରୀ ଦେବା ନାମରେ ଦୁଇ ଯୁବତୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଅଟକ ରଖିଥିବା ଅଭିଯୋଗ ହୋଇଛି । ଘର ମଧ୍ୟରୁ ଦୁଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଘଟଣାରେ କମ୍ପାନୀର ତିନି ଜଣ କର୍ମଚାରୀଙ୍କୁ ଅଟକ ରଖି ପୋଲିସ ପଚରା ଉଚୁରା ଚଳାଇଛି । ଏହି ଘର ମଧ୍ୟରେ ଆହୁରି ଅଧିକ ଯୁବତୀଙ୍କୁ ରଖାଯାଇଥିବା ସନ୍ଦେହ କରି ପୋଲିସ ପକ୍ଷରୁ ଛାନଭିନ୍ ଜାରୀ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ, ତିନି ଦିନ ତଳେ ବ୍ରାହ୍ମଣୀତରଙ୍ଗ ଥାନା ଅଂଚଳରୁ ତିନି ଜଣ ଯୁବତୀଙ୍କୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଉଦ୍ଧାର କରାଯାଇଥିଲା । ସେମାନେ ମଧ୍ୟ ଏହିଭଳି ଚାକିରୀ ନାମରେ ଆସି ଅଟକ ରହିଥିଲେ ।

କେନ୍ଦୁଝରରେ କୋଭିଡ୍-୧୯ ଟିକାକରଣ ଶୁଭାରମ୍ଭ

ସଞ୍ଜିବନୀ ଭଳି କାମକରିବ ଏହି ଟୀକା :ଜିଲ୍ଲାପାଳ

କେନ୍ଦୁଝର,୧୭।୧ (ନି.ପ୍ର): ସମଗ୍ର ରାଜ୍ୟ ତଥା ଦେଶରେ ଚଳିତ ଜାନୁଆରୀ ୧୬ ତାରିଖ ଦିନ କୋଭିଡ୍-୧୯ ଟୀକାକରଣର ଆରମ୍ଭ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଟୀକାକରଣର ଶୁଭାରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲାର ୬ଟି ସ୍ଥାନ ଯଥା- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅର୍ବାନ୍ ପି.ଏଚ୍.ସି. କେନ୍ଦୁଝରଗଡ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ, ପଦ୍ମପୁର ସି.ଏଚ୍.ସି., ହରିଚନ୍ଦନପୁର ସି.ଏଚ୍.ସି. ଏବଂ ଭଣ୍ଡା ସି.ଏଚ୍.ସି.ରେ ଟୀକାକରଣ ଆରମ୍ଭ ହୋଇଛି । ଭର୍ଚୁଆଲ ମାଧ୍ୟମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଦେଶବାସୀଙ୍କ ଉଦେଶ୍ୟରେ ଉଦ୍‌ବୋଧନ ଦେବାପରେ ଟୀକାକରଣର ଶୁଭାରମ୍ଭ କରିଥିଲେ । ଭର୍ଚୁଆଲ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୀକା ନେଇଥିବା ବିଭିନ୍ନ ଜିଲ୍ଲାର ହିତାଧିକାରୀଙ୍କ ସହ ବାର୍ତାଳପ କରିଥିଲେ ଓ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ ଆଶିଷ ଠାକରେ ଟୀକାକରଣର ଶୁଭାରମ୍ଭ କରିଥିଲେ । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହାଉସ୍ କିପିଙ୍ଗ୍ କର୍ମଚାରୀ ଶ୍ରୀମତୀ ବୀଣାପାଣି ବାରିକ ପ୍ରଥମ ଟୀକା ନେଇଥିଲେ । ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ଟୀକାନେଇ ସେ ବହୁତ ଖୁସି । କୌଣସି ସମସ୍ୟା ଅନୁଭବ ହେଉନାହିଁ । ଏଣୁ ଯେତେବେଳେ ବିଶ୍ୱ ମହାମାରୀ କୋଭିଡ୍ ବିରୁଦ୍ଧରେ ଲଢେଇ ଚାଲିଛି ସମସ୍ତେ ବିନା ଭୟ ଅବା ସଂଶୟରେ ଟୀକା ନେବାକୁ ନିବେଦନ କରିଛନ୍ତି । ସୂଚନା ଅନୁଯାୟୀ ଅର୍ବାନ୍ ପି.ଏଚ୍.ସି. କେନ୍ଦୁଝରଗଡରେ ଆଶାକର୍ମୀ ରୀନାରାଣୀ ଦାଶ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ହାଉସ କିପିଙ୍ଗ୍ କର୍ମଚାରୀ କୁଶ ମୁଖୀ, ପଦ୍ମପୁର ସି.ଏଚ୍.ସି.ରେ ସୁପରିନ୍‌ଟେଣ୍ଡେଣ୍ଟ୍ ଡାଃ ଶିବଚରଣ ବାଗ, ହରିଚନ୍ଦନପୁର ସି.ଏଚ୍.ସି.ରେ ଡାଃ ପ୍ରଣବ ପ୍ରକାଶ ଶର୍ମା ଏବଂ ଭଣ୍ଡା ସି.ଏଚ୍.ସି.ରେ ଡାଃ ବୈକୁଣ୍ଠନାଥ ଦାଶ ପ୍ରଥମ ଟୀକା ନେଇଥିଲେ । ଦୀର୍ଘ ୯ ମାସ ହେଲା ବିଶ୍ୱ ମହାମାରୀ କୋଭିଡ ବିରୁଦ୍ଧରେ ଲଢେଇ ପରେ ଟୀକା ଆସିବା ନେଇ ସମସ୍ତେ ଆଶଙ୍କା ଓ ଉତ୍କଣ୍ଠା ଭିତରେ ଥିଲେ । କୋଭିଡ୍-୧୯ ଟୀକା ଆସିବା ପରେ ସମସ୍ତେ ଆଶ୍ୱସ୍ତ ଓ ଉତ୍ସାହିତ । କୋଭିଡ୍-୧୯ ଟୀକା ମାନବ ଜାତି ପାଇଁ ସଞ୍ଜିବନୀ ଭଳି କାମ କରିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି । ଆଜି ଶନିବାର ଦିନ ଜିଲ୍ଲାରେ ୬ ଟି ସ୍ଥାନରେ ସୁରୁଖୁରୁରେ ଟୀକାକରଣ ଚାଲୁରହିଛି ବୋଲି କହିବା ସହିତ କୋଭିଡ୍-୧୯ ଟୀକା ନିରାପଦ ବୋଲି କହିଥିଲେ । ଅନେକ ଗବେଷଣା ଓ ପରୀକ୍ଷା ପରେ ଏହା ନିରାପଦ ବୋଲି ପ୍ରମାଣିତ ହୋଇଛି । ଏଣୁ କୌଣସି ଗୁଜବ ଓ ଅପପ୍ରଚାରକୁ ବିଶ୍ୱାସ ନ କରିବାକୁ ଜିଲ୍ଲାପାଳ ନିବେଦନ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଃ ଅଶୋକ କୁମାର ଦାଶ୍ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସୂଚନା ଦେଇ କହିଥିଲେ ଯେ ଶୁଭାରମ୍ଭ ଦିନ ଜିଲ୍ଲାର ୬ଟି ଟୀକାକରଣ କେନ୍ଦ୍ରରେ ୫୭୩ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟୀକାକରଣ କରାଯିବ । ଏହି ପ୍ରକ୍ରିୟାରେ ଜିଲ୍ଲାରେ ପଞ୍ଜିକୃତ ୧୨୫୦୯ଜଣ ସ୍ୱାସ୍ଥ୍ୟ କର୍ମୀ ଏବଂ ଆଇ.ସି.ଡି.ଏସ୍. କର୍ମୀଙ୍କୁ ଟୀକାକରଣ କରାଯିବ । ପରବର୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଉପଖଣ୍ଡ ଚିକିତ୍ସାଳୟ, ସି.ଏଚ୍.ସି. ଏବଂ ପି.ଏଚ୍.ସି.ରେ ଟୀକାକରଣ କରାଯିବ । କୋଭିଡ୍-୧୯ ଟୀକାର କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସୂଚନା ଦିଆଯାଇଛି । ଯଦି ଟୀକା ନେବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ତାହାର ଉପଚାର ପାଇଁ ପ୍ରତି ଟୀକାକରଣ କେନ୍ଦ୍ରରେ ଇମର୍‌ଜେନ୍ସି ଔଷଧ ସହ ଏ ଇ ଏ ଫ ୍ ଅ । ଇ / ଆନାଫାଇଲାକ୍‌ସିସ୍ କିଟ୍ ବ୍ୟବସ୍ଥା କରାଯାଇଛି ଏବଂ ଏହାର ପରିଚାଳନା ନିମନ୍ତେ ତାଲିମ୍‌ପ୍ରାପ୍ତ ଡାକ୍ତର ନିୟୋଜିତ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ କର୍ମୀ, ଦ୍ୱିତୀୟ ପର୍ଯ୍ୟାୟରେ ଆଗ ଧାଡ଼ିର କୋଭିଡ୍ ଯୋଦ୍ଧା ଏବଂ ତୃତୀୟ ପର୍ଯ୍ୟାୟରେ ଅଗ୍ରାଧିକାର ଭିତିରେ ବୟସ୍କ ବର୍ଗର ବ୍ୟକ୍ତି ଏବଂ ଜଟିଳ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଟୀକା ଦେବାର ଯୋଜନା ପ୍ରସ୍ତୁତ ହୋଇଛି ବୋଲି ଡ.ଃ ଦାଶ୍ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୮୧୦୦ ଡଜ୍ ଔଷଧ ପହଁଚିଛି ଏବଂ ସପ୍ତାହେ ମଧ୍ୟରେ ୭୨୦୦ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟୀକା ଦିଆଯିବାର ଯୋଜନା ପ୍ରସ୍ତୁତ କରାଯାଇଛି । ଟୀକାକରଣ କାର୍ଯ୍ୟକ୍ରମରେ ଟୀକା ଦେବା ପାଇଁ ଜିଲ୍ଲାରେ ୮୭ ଟି ଟୀକାଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । କୋଭିଡ୍ ଟୀକା ୨ ଡଜ୍ ବିଶିଷ୍ଟ । ପ୍ରଥମ ଟୀକା ନେବାର ୨୮ ଦିନ ପରେ ଉ

ଜାତୀୟ ନିରାକରଣ ଦିବସ ପୋଲିଓ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ୧୭।୦୧ (ନି.ପ୍ର): ଚରମ୍ପା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୋଲିଓ ରୋଗର ନିରାକରଣ ଦିବସ ଓ ପୋଲିଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ବଳ ଏଥିରେ ସଭାପତିତ୍ୱ କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଡ. ଉତ୍ପଳା ନାୟକ, ଡ. ରମେଶ ଚନ୍ଦ୍ର ଦାସ , ମନୋଜ କୁମାର ମହାଳିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୋଲିଓ ରୋଗର ନିରାକରଣ କରିବାକୁ ହେଲେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଚିତ। ଏହି ରୋଗ ବିଶେଷ କରି ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ପିଲମାନଙ୍କୁ ଅଧିକ ମାତ୍ରାରେ ଆକ୍ରାନ୍ତ ହୋଇଥାଏ। ପିଲାମାନଙ୍କୁ ଓରାଲ ପୋଲିଓ ଭ୍ୟାକ୍ସିନ ଦିଆଯାଇ ଏହି ରୋଗର ନିରାକରଣ କରାଯାଇଥାଏ ବୋଲି ଅଧ୍ୟକ୍ଷ ଶ୍ରୀଯୁକ୍ତ ବଳ କହିଥିଲେ। ଡ. ନାୟକ ତାଙ୍କ ବକ୍ତବ୍ୟରେ ମନୁଷ୍ୟର ସ୍ୱାସ୍ଥ୍ୟ ହେଉଛି ସମ୍ପଦ। ତେଣୁ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିବାକୁ ହେବ। ପୋଲିଓ ଆକ୍ରାନ୍ତ ହେଲେ ଶିଶୁ ବିକଳାଙ୍ଗ ହୋଇଯାଆନ୍ତି। ସେଥିଲାଗି ସେମାନଙ୍କୁ ପୋଲିଓମୁକ୍ତ କରିବା ଆମ୍ଭମାନଙ୍କର ପରମ ଲକ୍ଷ୍ୟ ହେବା ଉଚିତ ବୋଲି ମତ ରଖିଥିଲେ। ଅନ୍ୟତମ ପ୍ରୋଗ୍ରାମ ଅଫିସର ଡ. ଦାସ ଏବଂ ଶ୍ରୀଯୁକ୍ତ ମହାଳିକ ସରକାର ଏହି ରୋଗର ନିରାକରଣ ପାଇଁ ବହୁବିଧ ପଦକ୍ଷେପ ନେଇଛନ୍ତି। ରୋଗ ପାଇଁ ଔଷଧଠାରୁ ସଚେତନତା ବଡ ବୋଲି ମତପ୍ରକଟ କରିଥିଲେ। ଡ. ଅମର କୁମାର ଦାସ ଏବଂ ସୁବ୍ରତ କୁମାର ଦାସ ରୋଗର ଭୟାବହତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୋଜାଫର ସବ୍‌ବାଜ, ଶୁଭଶ୍ରୀ, ସନ୍ତୋଷ, ପ୍ରିୟମ୍ବଦା ପ୍ରମୁଖ ଭାଗ ନେଇ ଗ୍ରାମାଞ୍ଚଳ ଏବଂ ପୋଷ୍ୟଗ୍ରାମରେ ବସବାସ କରୁଥିବା ଅଧିବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବଦ୍ଧ ପରିକର ହୋଇଥିଲେ। ପୋଲିଓ ରୋଗର ନିରାକରଣ ନିମନ୍ତେ ଆସନ୍ତା ୩୧ ତାରିଖ ଟୀକାକରଣ କରିବାକୁ ଜନସଚେତନତା ସୃଷ୍ଟି ପାଇଁ ଲିଫ୍‌ଲେଟ ବଣ୍ଟନ ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଶେଷରେ ପ୍ରୋଗ୍ରାମ ଅଫିସର ଶ୍ରୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

ଘନ କୁହୁଡି ସମ୍ଭାବନା : ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର୧୭।୦୧ (ନି.ପ୍ର): ଜାନୁଆରୀ - ଆସନ୍ତା ୨୪ ଘଂଟା ପର୍ଯ୍ୟନ୍ତ ରାଜ୍ୟର ପାଗ ଶୁଖିଲା ରହିବ। ତେବେ କିଛି ସ୍ଥାନରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି। ଏଥିପାଇଁ ୫ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏହି ଜିଲ୍ଲାଗୁଡିକ ହେଲା ବୌଦ୍ଧ, ନୟାଗଡ, କନ୍ଧମାଳ, ପୁରୀ ଓ କଳାହାଣ୍ଡି। ଘନ କୁହୁଡି ଯୋଗୁଁ ଯାତାୟତରେ ସମସ୍ୟା ହେଉଥିବାରୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ଜିଲ୍ଲାପାଳ ଓ ଏସପି ମାନଙ୍କୁ ସତର୍କ ରହିବାକୁ କହିଛନ୍ତି। ବିଶେଷ କରି ରାଜପଥ ଗୁଡିକରେ ଦୁର୍ଘଟଣା ଆଶଙ୍କା ରହିଥିବାରୁ ପୋଲିସ୍ ଓ ପରିବହନ କର୍ମଚାରୀ ଆବଶ୍ୟକ ପଦକ୍ଷେପ ନେବାକୁ ଏସଆରସି କହିଛନ୍ତି। ଏହିସବୁ ଜିଲ୍ଲା ବ୍ୟତୀତ ବୌଦ୍ଧ, ନୟାଗଡ, କନ୍ଧମାଳ, ପୁରୀ, କଳାହାଣ୍ଡି, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ରାୟଗଡା, କୋରାପୁଟ,ମାଲକାନଗିରି, ନବରଙ୍ଗପୁର ଓ ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡି ଦେଖାଦେଇପାରେ।

ମୁନି ସମାଜର ସତ୍‌ସଂଗ ଓ ମୁନି କୁମାରୀ ଅଭିପ୍‌ସାର ୨୨ତମ ଜନ୍ମ ଉତ୍ସବ

ବାସୁଦେବପୁର,୧୭।୦୧ (ନି.ପ୍ର): ବାସୁଦେବପୁର ବ୍ଲକର ତୁଳମତୁଳାଠାରେ ଅଖିଳ ଭୁମଣ୍ଡଳିୟ ସର୍ବଶିରୋମଣି ମୁନି ସମାଜର ଘରୋଇ ସତ୍‌ସଂଗ ଓ ଯୋଗୀ ଉମାକାନ୍ତ ମୁନିଙ୍କର କନ୍ୟା ମୁନି କୁମାରୀ ଅଭିପ୍‌ସାର ୨୨ତମ ଜନ୍ମ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ପ୍ରଥମେ ଯୋଗୀ ସୁଧାକର ମୁନୀ ଅତିଥି ଭାବେ ଯୋଗ ଦେଇ ସତ୍ୟ ପତାକାକୁ ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଯୋଗୀ ଦଶରଥ ମୁନି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ ଯୋଗ ଶିକ୍ଷୟତ୍ରୀ ଆରତୀ ଦେବୀ। ଯୋଗୀ ବସନ୍ତ ମୁନୀ ସଭାପତି ଭାବରେ ମଞ୍ଚ ମଣ୍ଡନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କର ଭ ।ଷଣରେ ଯେଉଁ ସାରାଂଶ ଥିଲା ତାହା ହେଲା - ଜ୍ଞାନର ଶକ୍ତି ଅଛି। ଆତ୍ମଜ୍ଞାନ ସର୍ବ ଶ୍ରେଷ୍ଠ ଜ୍ଞାନ। ଅନ୍ଧବିଶ୍ୱାସ ଛାଡି ନିଜ ଭିତରର ଶବ୍ଦ ଶୁଣ। ତୁମର ପ୍ରକୃତ ପଥ ପ୍ରଦର୍ଶକ ତୁମ ଭିତରେହିଁ ବିଦ୍ୟମାନ। ଏହି ଉତ୍ସବରେ ମୁନି ସଂଗୀତ ଗାନ କରିଥିଲେ ମୁନି ରାଗ୍ନୀ ପ୍ରଭାତି ଦେବୀ। ପିତୃ ମାତୃ ପୂଜା ଓ ଆର୍ଶୀବାଦ ଗ୍ରହଣ ଏବଂ ମୁନି ସଂଗୀତ ପରିବେଷଣ କରିଥିଲେ ପିତାମ୍ବର ମୁନୀ, କାଶୀନାଥ ମୁନି, ମୁନିମତି ପୁର୍ଣ୍ଣିମା ଦେବୀ। ସମଗ୍ର ଭାରତ ବର୍ଷର ଆଧ୍ୟାତ୍ମିକ ତତ୍ୱକୁ ବୁଝିବା ପାଇଁ ଏହି ଉତ୍ସବରେ ସମସ୍ତେ ଧ୍ୟାନ ରଖିଥିଲେ। ଜୀବନ ଦର୍ଶନ,ଧର୍ମ, ଜୀବ ଜଗତ, ବାୟୁ, ଜଳ, ଅଗ୍ନି, ମାଟି ଓ ଆକାଶର କଥାକୁ ଅତିଥି ବନ୍ଧୁମାନେ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ। ଏହି ଆଧାତ୍ମିକ ପ୍ରବଚନ ସମସ୍ତ ବର୍ଗର ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଯୋଗୀ ଉମାକାନ୍ତ ମୁନିଙ୍କର ପରିବାର ବର୍ଗ, ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସ୍ୱଜନ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ଶେଷରେ ପ୍ରସାଦ ସେବନ କରିବା ସହିତ ବନ୍ଧୁମିଳନରେ ସାମିଲ ହୋଇଥିଲେ।

ଅଞ୍ଜଳି ପଣ୍ଡାଙ୍କ କବିତା ସଙ୍କଳନ 'ହିରଣ୍ମୟୀ ହିମାଦ୍ରି' ଲୋକାର୍ପିତ

ବାଲେଶ୍ୱର,୧୭।୦୧ (ନି.ପ୍ର): ବାଲେଶ୍ୱରର ବିଶିଷ୍ଟ ସମାଜସେବୀ ତଥା କବୟିତ୍ରୀ ଅଞ୍ଜଳି ପଣ୍ଡାଙ୍କ ତୃତୀୟ କବିତା ସଂକଳନ 'ହିରଣ୍ମୟୀ ହିମାଦ୍ରି' ସହରର ମଲ୍ଲିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନ ପରିସରରେ ରବିବାରରେ ଲୋକାର୍ପିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମନ୍ୱିତ ଭାଷା ବିଭାଗ ମୁଖ୍ୟ ପ୍ରଫେସର ମଣୀନ୍ଦ୍ର ମେହେର ଏଥିରେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଶ୍ରୀମତୀ ପଣ୍ଡାଙ୍କ କବି ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଅକ୍ଷାଂଶ ପ୍ରକାଶନୀର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କବିତା ସଂକଳନର ଭାବଗର୍ଭକ ବିଷୟବସ୍ତୁ ଓ ଶବ୍ଦ ସଂଯୋଜନା ବେଶ୍ ଉଚ୍ଚକୋଟୀର ହୋଇପାରିଛି ବୋଲି ମତ ପ୍ରକାଶ କରିଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ପ୍ରଫେସର ରବିନାରାୟଣ ଦାଶ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାରେ ନାରୀଙ୍କ ଦୃଷ୍ଟିଭଙ୍ଗୀକୁ ନେଇ କବି ଶ୍ରୀମତୀ ପଣ୍ଡାଙ୍କ ଲେଖନୀ ଶୈଳୀ ଅତ୍ୟନ୍ତ ଶିକ୍ଷଣୀୟ ହୋଇପରିଛି ବୋଲି କହିଥିଲେ । ନାରୀବାଦ ଓ ନାରୀବୋଧ ମଧ୍ୟରେ ସନ୍ତୁଳନ ରକ୍ଷା ପୂର୍ବକ କବିଙ୍କ ଦୃଷ୍ଟିଭଙ୍ଗୀ ସମ୍ବଳିତ ଲେଖା ସମାଜକୁ ଦିଗଦର୍ଶନ ଦେବାରେ ସଫଳ ହୋଇପାରିବ ବୋଲି ସେ ମତ ଦେଇଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଦୀପକ ବୋଷ ପ୍ରାକ୍ କଥା ରଖିଥିଲେ। କବିତା ସଂକଳନର ରଚୟିତା କବି ଅଞ୍ଜଳି ପଣ୍ଡା ଏଥିରେ ମଞ୍ଚାସୀନ ନିଜର ଲେଖକୀୟ ଅଭିଜ୍ଞତା ଓ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ନିଜ ବିବାହର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱାମୀ ଶିକ୍ଷୋଦ୍ୟାଗୀ ସୁଧାସିନ୍ଧୁ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏହି କବିତା ସଙ୍କଳନ ସେ ଉତ୍ସର୍ଗ କରିଥିବା ଶ୍ରୀମତୀ ପଣ୍ଡା କହିଥିଲେ। ପୂର୍ବରୁ କବିତା ସଙ୍କଳନ 'ସାରା ଆକାଶ' ଓ 'ଚିରନ୍ତନ ଅନ୍ୱେଷା', ଗଳ୍ପ ସଙ୍କଳନ 'ଝରାପାତ୍ରର ଶୋକ' ଓ 'ପ୍ରବାସୀ ପକ୍ଷୀ' ଏବଂ ଏକ ଭ୍ରମଣ କାହାଣୀ 'ପରିଭ୍ରମଣ - ଇଂଲଣ୍ଡ ରୁ ସୁଇଜରଲାଣ୍ଡ' ପ୍ରକାଶିତ ହୋଇଥିବା ସେ ସୂଚନା ଦେଇଥିଲେ । ଶିକ୍ଷୋଦ୍ୟୋଗୀ ଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିବାହର ୫୦ ବର୍ଷ ମଧ୍ୟରେ ପାରିବାରିକ ଦାୟିତ୍ୱ ସମ୍ପନ୍ନ ସହ ବ୍ୟବସାୟ, ସମାଜସେବା ଓ ସାହିତ୍ୟ ସାଧନା କ୍ଷେତ୍ରରେ ଶ୍ରୀମତୀ ପଣ୍ଡା ଜଣେ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ସବୁଜ ସୁନ୍ଦର ବାରିପଦା ପକ୍ଷରୁ କରୋନା ଯୋଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ

ବାରିପଦା,୧୭।୦୧ (ନି.ପ୍ର): କରୋନା ଯୋଦ୍ଧା ଭାବେ କାର୍ଯ୍ୟ କରିଆସୁଥିବା ସଫେଇ କର୍ମଚାରୀଙ୍କୁ ଆଜି ସବୁଜ ସୁନ୍ଦର ବାରିପଦା ପକ୍ଷରୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପରେ ବାରିପଦା ପୌରପାଳିକାର ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ପୌରହିତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କରୋନା ଯୋଦ୍ଧା ସଫେଇ କର୍ମଚାରୀ ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। କରୋନାର କରାଳ ରୂପ ସମୟରେ ମଧ୍ୟ ପ୍ରତିଦିନ ଏହି ସଫେଇ କର୍ମଚାରୀଙ୍କ ନିରବଚ୍ଛିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ଆଜି ଆମ ସମାଜ ସଫା ସୁତୁରା ରହିବାରେ ସକ୍ଷମ ହୋଇପାରିଛି। ବର୍ଷ ତମାମ ଶୀତ, ଖରା, ବର୍ଷାକୁ ଖାତିର ନକରି ଲୋକଙ୍କ ଶଯ୍ୟା ତ୍ୟାଗ ପୂର୍ବରୁ ବାରିପଦା ସହରକୁ ସଫା ସୁତୁରା କରୁଥିବା ଏହି ସଫେଇ କର୍ମଚାରୀ ମାନେ ପ୍ରକୃତ ସମାଜର ବାସ୍ତବ ନାୟକ ଅଟନ୍ତି। ତେଣୁକରି ସବୁଜ ସୁନ୍ଦର ବାରିପଦାର ଆବାହକ ତଥା ବାରିପଦା ପୌରପାଳିକାର ପୂର୍ବତନ ଉପ-ନଗରପାଳଙ୍କ ଜିତେନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ବିଗତ ୮ବର୍ଷ ଧରି ଏହି ସଫେଇ କର୍ମଚାରୀ ମାନଙ୍କୁ ମୟୁରଭଞ୍ଜ ଜିଲ୍ଲାର ଗଣ ପର୍ବ ମକର ସମୟରେ ବସ୍ତ୍ର ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ମଧ୍ୟ ଏହା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଏସଡିସିର ପୂର୍ବତନ ଅଧ୍ୟକ୍ଷ ଡ଼ଃ ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ରାଜଶିବ ନାରାୟଣ କିସ୍କୁ, ସୁବ୍ରମଣ୍ୟମ ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ଶୀତବସ୍ତ୍ର ପ୍ରଦାନ କରିଥିଲେ।

ଘରେ ରହି ମକର ସଂକ୍ରାନ୍ତି ପାଳନ କରୁଛନ୍ତି ମୟୂରଭଞ୍ଜୀ ବାସୀ

କରୋନା ମାଡରେ କମିଛି ବ୍ୟବସାୟ, ଶୁଭୁନାହିଁ ମକର ମେଳାର ପେଁକାଳି ସ୍ୱର

ବାରିପଦା,୧୭।୦୧ (ନି.ପ୍ର): ଆଜି ପବିତ୍ର ମକର ସଂକ୍ରାନ୍ତି। ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାରେ ଘରେ ଘରେ ପ୍ରତିବର୍ଷ ଧୂମଧାମରେ ପାଳନ ହୋଇଥାଏ ଗଣପର୍ବ ମକର। ପ୍ରତିବର୍ଷ ମକର ପାଇଁ ଚଳଚଂଚଳ ହୋଇଉଠେ ଗାଁ ଠୁ ସହର। ମକର ପର୍ବକୁ ନେଇ ଘରେଘରେ ଲାଗି ରହେ ଆଠଦିନ ପୂର୍ବରୁ ଆନନ୍ଦର ମାହୋଲ। ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଗଣପର୍ବ ରୂପେ ପାଳନ କରିଥାନ୍ତି। ଘରେ ନୂତନ ବସ୍ତ୍ର ପରିଧାନ କରି ପିଠା ପଣା, ମାଂସ ଖାଇ ହସ ଉଲ୍ଲାସରେ ପର୍ବ ପାଳନ କରିଥାନ୍ତି ଜିଲ୍ଲାବାସୀ। ତେବେ ଚଳିତ ବର୍ଷ କରୋନା ମହାମାରୀ ପାଇଁ ମକର ପର୍ବ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାରେ ସେଭଳି ମାହୋଲ ଦେଖାଯାଇ ନଥିଲେ ମଧ୍ୟ ଲୋକେ ଘରେଘରେ ପିଟାପଣା, ମାଂସ ଖାଇ, ନୂଆ ଲୁଗା ପିନ୍ଧି ଏବଂ ତାସ ଲୁଡୁ ଆଦି ଖେଳି ବେଶ ଉଲ୍ଲାସରେ ପାଳିଛନ୍ତି ମକର ପର୍ବ । କରୋନା କଟକଣା ଭିତରେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବା ସହିତ ପୂର୍ବ ବର୍ଷ ଭଳି ଗାଁଗାଁ ରେ ମକର ମେଲା ଚଳିତ ବର୍ଷ ବସିନଥିବାରୁ ଲୋକେ ବୁଲାବୁଲି କରିବାକୁ ସୁଯୋଗ ନପାଇ ଘରେ ରହି ପାଳନ କରିଛନ୍ତି ମକର ପର୍ବ। ମୟୂରଭଞ୍ଜରେ ମକର ପର୍ବ ଉପଲକ୍ଷେ ବାହାରେ ରହି କାମ କରୁଥିବା ଲୋକେ ଘରକୁ ଫେରିଥିବା ବେଳେ ଚଳିତ ବର୍ଷ କରୋନା ମହାମାରୀ ସବୁ ହସଖୁସିରେ ଚାବି ପକାଇ ଦେଇଛି। ଲୋକଙ୍କ ଆର୍ଥିକ ସ୍ଥିତି ମଧ୍ୟ ବିଗିଡି ଯାଇଛି। ଅଳ୍ପ ସଂଖ୍ୟକ ଲୋକ ବଜାରକୁ ଆସୁଥିବା ବେଳେ ଜିନିଷ ପତ୍ର ମଧ୍ୟ କମ କିଣୁଥିବା କହିଛନ୍ତି ଗ୍ରାହକ। ସେପଟେ ହାଟ ବଜାରରେ ଲୋକଙ୍କ ଭିଡ଼ ନଥିବା ବେଳେ ମକର ବ୍ୟବସାୟ ବିଗତ ବର୍ଷ ଅପେକ୍ଷା ୪୦-୫୦% କମ ବ୍ୟବସାୟ ହୋଇ ଥିବାର କହିଛନ୍ତି ବ୍ୟବସାୟୀ ମାନେ। କରୋନା ମହାମାରୀ ପାଇଁ ବହୁ ଲୋକ ନିଜର ରୋଜଗାର ହରାଇ ଥିବାରୁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବଜାରରେ ସେଭଳି ବିକ୍ରିବଟା ହୋଇ ନଥିଲେ ମଧ୍ୟ ମକର ଦୁଇ ତିନି ଦିନ ପୂର୍ବରୁ ହାଟ ବଜାରରେ ବେଶ ଭିଡ ପରିଲକ୍ଷିତ ହୋଇଥିଲା । ତେବେ ମକର ପାଇଁ ମୟୂରଭଞ୍ଜରେ ଗାଁଗଣ୍ଡାରେ ହେଉଥିବା କୁକୁଡା ପାଡା, ଆଦିବାସୀଙ୍କ ଡାବୁଲ ନାଚ, ମାଙ୍କଡ ନାଚ ଆଦି ମଧ୍ୟ ଚଳିତ ବର୍ଷ ବନ୍ଦ ରହିଥିବାର ଦେଖାଯାଇଛି। ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାରେ ଘରେ ଘରେ କାକରା, ଆରିଶା, ମଣ୍ଡା, ବିରି ପୋଡ ପିଠା ଏବଂ ମାଂସର ଆସାର ଜମିଛି। ମକର ସଂକ୍ରାନ୍ତିରେ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ କରାଇବା ପରେ ଛୋଟ ପିଲା ଠାରୁ ବଡ଼ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ହସ ଉଲ୍ଲାସରେ ପରିବାର ସହ ପର୍ବକୁ ପାଳନ କରିଛନ୍ତି। ମକରପର୍ବ ହେଉଛି ଭାଇଚାରା ଓ ବନ୍ଧୁମିଳନର ଅନନ୍ୟ ଉଦାହରଣ ଓ ନିଜ ପରିବାର ବନ୍ଧୁଙ୍କ ସହ ପର୍ବ ପାଳନ କରିବା ପାଇଁ କାମ ଧନ୍ଦାରୁ ସାମୟିକ ବିରତି ନେଇ ଗାଁକୁ ଫେରିଥାନ୍ତି ବାହାରେ ରହୁଥିବା ଲୋକେ। ହେଲେ କରୋନା ମହାମରୀ ପାଇଁ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଘରକୁ ବନ୍ଧୁ ବାନ୍ଧବ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଆସୁନଥିବା ପ୍ରକାଶ କରିଛନ୍ତି ଗୃହିଣୀ ମାନେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବିଭିନ୍ନ ସ୍କୁଲ ପରିଦର୍ଶନ ....

ୟୁନିଟ୍-୯ ବାଳିକା ହାଇସ୍କୁଲ ବୁଲି ବିଭିନ୍ନ ବିକାଶମୂଳକ କାମର ତଦାରଖ କରିଛନ୍ତି। ଏହି ଗସ୍ତ ସମୟରେ ସଚିବଙ୍କ ସହ ବିଏମସି କମିସନର ପ୍ରେମଚନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ। ସଚିବ ଭି.କେ. ପାଣ୍ଡିଆନ 'ମୋ ସ୍କୁଲ' କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି। 'ମୋ ସ୍କୁଲ' କାର୍ଯ୍ୟକ୍ରମରେ କେତେକ ବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛନ୍ତି। ପାଣ୍ଡିଆନ ସ୍ମାର୍ଟ କ୍ଲାସ୍‌ରୁମ୍, ସାଇନ୍ସ ଲ୍ୟାବ୍, ଲାଇବ୍ରେରୀ, କ୍ରୀଡ଼ା ସୁବିଧା ଓ କଣ କଲେ ଦଶମ ରେଜଲ୍ଟରେ ଉନ୍ନତି ଆସିପାରିବ ବୋଲି ଶିକ୍ଷକ ଓ ଏସଏମସି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି।

ଆସିଲା ଆଉ ଏକ...

ନିବେଦନକୁ ହାଇକୋର୍ଟ ଗତ ଡିସେମ୍ବର ୧, ୨୦୨୦ରେ ଅଗ୍ରାହ୍ୟ କରିଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସାର୍ବଜନୀନ କରିନଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିବେଦନ ହାଇକୋର୍ଟଙ୍କ ଦ୍ୱାରା ଅଗ୍ରାହ୍ୟ ହେବା ପରେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁପାରିସ୍ କରିପାରିଥାନ୍ତେ, କିନ୍ତୁ ଏହା କରାଯାଇନାହିଁ ବୋଲି ସୂଚନା ଅଧିକାରୀ ଅଭିଯୋଗ କରିଛନ୍ତି। ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କ ଆବେଦନ ଆଧାରରେ ଗତ ଜାନୁଆରୀ ୬ ତାରିଖରେ ମିଳିଥିବା ତଥ୍ୟରେ କୁହାଯାଇଥିଲା ଯେ ସିଟିଂ ଜଜଙ୍କ ଦ୍ୱାରା ଏସ୍‌ଆଇଟି ମନିଟରିଂ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଚିଠି ହାଇକୋର୍ଟଙ୍କ ହସ୍ତଗତ ହୋଇନାହିଁ। ତେବେ ଗତ ୧୬ ତାରିଖରେ ସୂଚନା ଅଧିକାର କର୍ମୀଙ୍କ ପୂର୍ବ ଆବେଦନ ଉପରେ ପୁନର୍ବାର ହାଇକୋର୍ଟ ଜନସୂଚନା ଅଧିକାରୀଙ୍କ ପକ୍ଷରୁ ଆସିଥିବା ତଥ୍ୟରେ କୁହାଯାଇଛି ଯେ ପୂର୍ବରୁ ଦିଆଯାଇଥିବା ତଥ୍ୟ ଅସଂପୂର୍ଣ

ସୋମବାର,୧୮ ଜାନୁଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

୩୨ତମ ଦାନ୍ତୁନ ଗ୍ରାମୀଣ ମେଳା ଉଦ୍‌ଘାଟିତ

ଜଳେଶ୍ୱର, ୧୭/୧ (ନିପ୍ର) : ଓଡିଶା-ପଶ୍ଚିମବଂଗ ଉପାନ୍ତରେ ଲୁକାୟିତ ପ୍ରତିଭା ବିକାଶ, ନିଜ ନିଜ ମଧ୍ୟରେ ମୌତ୍ରୀ, ସଂଘତି, ଭାତୃତ୍ୱ ବୃଦ୍ଧି ତଥା କୃଷକକୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ଦାନ୍ତୁନ ଗ୍ରାମୀଣ ମେଳାର ଉଦ୍ଦେଶ୍ୟ ବୋଲି ଗତ ଶବିବାର ଅପରାହ୍ନରେ ୩୨ତମ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି । ସବୁବର୍ଷପରି ଚଳିତବର୍ଷ ଉଦ୍‌ଘାଟନୀ ଉତ୍ସବ ମହାସମାରହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସ୍ପୋର୍ଟ ଏଣ୍ଡ କଲଚୁରାଲ ଏସୋସିଏସନ୍‌ର ମୁଖ୍ୟ ଅଲୋକ ନନ୍ଦୀ ଅଧ୍ୟକ୍ଷତା କରି ଗ୍ରାମାଂଚଳକୁ ଉତ୍ସବ ମୁଖରିତ କରି କର୍ମତତ୍ପରତା ମଧ୍ୟରେ ସାଂସ୍କୃତିକ ଆସର, ଲୁକାୟିତ ପ୍ରତିଭା ବିକାଶ, ନିଜ ମଧ୍ୟରେ ମୌତ୍ରୀ, ସଂଘତି, ଭାତୃତ୍ୱ ବୃଦ୍ଧି ସହିତ ଚାଷୀଙ୍କୁ ସମ୍ମାନ ଓ ମହିଳାଙ୍କୁ ଆତ୍ମନିର୍ଭରଶୀଳଲାଗି ଏପରି ଉତ୍ସବ ଆୟୋଜନ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତାଭାବେ ବିବେକାନନ୍ଦ ମୁଖୋପାଧ୍ୟାୟ ଯୋଗ ଦେଇ ଦୁଇ ରାଜ୍ୟର ସଂସ୍କୃତି ଓ ପରାମ୍ପରା ସଂପର୍କରେ ବର୍ଣ୍ଣନା କରିଥିଲେ । ସମ୍ମାନୀତ ଅତିଥିଭାବେ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଖୋକନ୍ ମହାରାଜ, ଓ୍ୱାସିନ୍ ପାଠାଣ ପ୍ରମୁଖ ଯୋଗ ଦେଇ ଦୁଇ ରାଜ୍ୟର ଉପାନ୍ତ ଅଂଚଳ ଏହି ଗ୍ରାମିଣ ମେଳା ଦ୍ୱାରା ସମୃଦ୍ଧ । ଦୁଇ ରାଜ୍ୟର ଭାତୃତ୍ୱ, ସ୍ନେହ, ବନ୍ଧନ, ବନ୍ଧୁତ୍ୱକୁ ଅଧିକ ବୁଦ୍ଧିମନ୍ତ କରି ଆସୁଥିବାର କହିଥିଲେ । ସୁଦୂର କୋଲକତା, ତମଲୁକ, ଜଳପାଇଗୁଡି, ୨୪ପ୍ରଗଣାରୁ ଆାସିଥିବା ନୃତ୍ୟଶିଳ୍ପୀ, କୃଷି, ବିଜ୍ଞାନ, ବକ୍ତୃତାପାଠ, ଗ୍ରାମିଣ ମେଳାକୁ ଅଧିକ ସମୃଦ୍ଧ କରିଛି । ଦୀର୍ଘ ୩ କି.ମି ଶୋଯାତ୍ରା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆସନ୍ତା ୨୭ ତାରିଖରେ ଏହା ଉଦ୍‌ଯାପନୀ ହେବ ବୋଲି ମେଳାକମିଟି ସୂତ୍ରରୁ ପ୍ରକାଶ ।

ଟାଙ୍ଗରାଶୁଣୀ ମହୋତ୍ସବ - ୨୦୨୧ ଉଦ୍‌ଯାପିତ

କପ୍ତିପଦା,୧୭।୦୧ (ନି.ପ୍ର): ରାଜ୍ୟସ୍ତରୀୟ ମକର ମିଳନ ପାଳନ ସଂସଦ, ଟାଙ୍ଗରାଶୁଣୀ ମହୋତ୍ସବ କମିଟି, ସାନଖଲାଡ଼ି ଓ ପ୍ରଶାନ୍ତ ସ୍ମୃତି ପରିଷଦ ଉଦଳାର ମିଳିତ ଆନୁକୂଲ୍ୟରେ କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ଟାଙ୍ଗରାଶୁଣୀ ପୀଠ ଠାରେ ୨୭ ତମ ଟାଙ୍ଗରାଶୁଣୀ ମହୋତ୍ସବ - ୨୦୨୧ ଚଳିତ ଜାନୁଆରୀ ୧୫ ତାରିଖ ଶୁକ୍ରବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଭକ୍ତି ଜ୍ଞାନ ସଂଚାର ସମିତି ଉଦଳାର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ସମୀବୃକ୍ଷ ପର୍ଯ୍ୟଟନ ବଳୟର କ୍ଷେତ୍ର ଓ ଏହାର ଇତିହାସ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଚେତନା ସାହିତ୍ୟ ସଂସଦର ସଭାପତି ଶରତ ଚନ୍ଦ୍ର ମହାପାତ୍ର, ପୁର୍ବତନ ଲୋକସଭା ସଦସ୍ୟା ଶୁଶିଳା ତିରିଆ, ନୀଳପ୍ରଭା ସାହିତ୍ୟ ସଂସଦର ସଭାପତି ଗଙ୍ଗାଧର ଦାସ, ଅଧ୍ୟାପକ ଡ଼. ଭାଗବତ ପ୍ରସାଦ ଲେଙ୍କା ଓ ସାମାଜିକ କର୍ମୀ ମନୋରଂଜନ ମଲ୍ଲିକ ପ୍ରମୁଖ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମୟୂରଭଞ୍ଜରେ ମକର ପର୍ବ ଓ ସାରସ୍ୱତ ମଞ୍ଚର ସ୍ୱାଦ ସମ୍ପୂର୍ଣ୍ଣ ଭିନ୍ନ, ଯାହାକି ଓଡ଼ିଶାର ଅନ୍ୟ ପ୍ରାନ୍ତ ମାନଙ୍କରେ ଅନୁଭୂତ ହୁଏ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏଥି ସହିତ ମା ଟାଙ୍ଗରାଶୁଣୀ ପୀଠର ଇତିହାସ, ବର୍ତ୍ତମାନ ଏବଂ ଭବିଷ୍ୟତ ତଥା ଗଣପର୍ବ ମକର, ଓଡ଼ିଆ ଭାଷା, କଳା, ସାହିତ୍ୟର ସମ୍ପର୍କ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ । ଏହାପରେ କଳା, ସାହିତ୍ୟ, ଶିକ୍ଷା ଆଉ ସେବା ନିବୃତ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିକ ରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବି ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ପୌରହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ନମିତା ରାଉତ ଓ ଶ୍ରୀନିବାସ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ତିର୍ଥେଶ ରାୟ, ସୁବାସିନି ଜି, ପ୍ରଭାକର ସାହୁ, ସନ୍ତୋଷ କୁମାର ସାହୁ, ପବିତ୍ର ମୋହନ ବେହେରା, କରୁଣାକର ଦାସ, ଡ଼. ଚିନ୍ତାମଣୀ ସାହୁ, ଯୋଗେନ୍ଦ୍ର ପଣ୍ଡା, ହରିନାରାୟଣ ଆଚାର୍ଯ୍ୟ, ରଙ୍ଗଲତା ବେହେରା ପ୍ରମୁଖ ସ୍ୱରଚିତ କବିତା ପାଠୋ କରିଥିଲେ ।

୫୧ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଶୁଭାରମ୍ଭ

ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ବିଶ୍ୱଜିତ୍ ଚାଟାର୍ଜୀଙ୍କୁ ବର୍ଷର ଶ୍ରେଷ୍ଠ ଭାରତୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପୁରସ୍କାର

ଭୁବନେଶ୍ୱର,୧୭।୦୧ (ନି.ପ୍ର): ଗୋଆରେ ଅନୁଷ୍ଠିତ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହ (ଆଇଏଫଏଫଆଇ)ର ୫୧ତମ ସଂସ୍କରଣରେ ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା, ନିର୍ମାତା, ନିର୍ଦ୍ଦେଶକ ତଥା ଗାୟକ ଶ୍ରୀ ବିଶ୍ୱଜିତ୍ ଚାଟାର୍ଜୀଙ୍କୁ ବର୍ଷର ଶ୍ରେଷ୍ଠ ଭାରତୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପୁରସ୍କାରରେ ସମ୍ମାନିତ କରାଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭଡ଼େକର ଏହି ମହୋତ୍ସବର ଉଦଘାଟନୀ ସମାରୋହ ଅବସରରେ ପୁରସ୍କାର ଘୋଷଣା କରିଥିଲେ। କେନ୍ଦ୍ର ମନ୍ତ୍ରୀ ଏହି ଘୋଷଣା କରି କହିଥିଲେ ଯେ ଏହି ପୁରସ୍କାର ତାଙ୍କୁ ମାର୍ଚ୍ଚ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅବସରରେ ଦିଆଯିବ। 'ବିସ ସାଲ ବାଦ' ଚଳଚ୍ଚିତ୍ରରେ କୁମାର ବିଜୟ ସିଂ ଭୂମିକା, 'କୋହରା'ରେ ରାଜା ଅମିତ କୁମାର ସିଂ, 'ଏପ୍ରିଲ ଫୁଲ୍'ରେ ଅଶୋକା, 'ମେରେ ସନମ'ରେ ରମେଶ କୁମାର, 'ନାଇଟ ଇନ ଲଣ୍ଡନ'ରେ ଜୀବନ, 'ଦୋ କଲିୟାଁ'ରେ ଶେଖର ଏବଂ 'କିସ୍ମତ' ଚଳଚ୍ଚିତ୍ରରେ ଭିକ୍ଟି ଭୂମିକାରେ ଅଭିନୟ ପାଇଁ ବିଶ୍ୱଜିତ୍ ଚାଟାର୍ଜୀ ବିଶେଷ ପ୍ରସିଦ୍ଧି ହାସଲ କରିଛନ୍ତି। ଆଶା ପାରେଖ, ଓ୍ୱାହିଦା ରେହମାନ, ମୁମତାଜ, ମାଲା ସିହ୍ନା ଓ ରାଜଶ୍ରୀଙ୍କ ବିଶିଷ୍ଟ ଅଭିନେତ୍ରୀଙ୍କ ସହିତ ତାଙ୍କ ଯୋଡ଼ି ବେଶ ଲୋକପ୍ରିୟ ହୋଇଥିଲା । ତାଙ୍କ ଅଭିନୀତ ପ୍ରସିଦ୍ଧ ବଙ୍ଗଳା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ରହିଛି ଚୌରଙ୍ଗୀ (୧୯୬୮) ଏବଂ ଉତ୍ତମ କୁମାରଙ୍କ ସହିତ ଗଢ଼ ନସୀମପୁର ଓ କୁହେଲି । ଏହାପରେ ଶ୍ରୀମାନ ପୃଥ୍ୱୀରାଜ (୧୯୭୩), ଜୟ ବାବା ତାରକନାଥ (୧୯୭୭) ଏବଂ ଅମର ଗୀତୀ (୧୯୮୩) ଭଳି ଲୋକପ୍ରିୟ ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଥିଲେ। ୧୯୭୫ରେ ବିଶ୍ୱଜିତ୍ ନିଜ ଅଭିନୟ କରିଥିବା ଚଳଚ୍ଚିତ୍ର 'କେହତେ ହେ ମୁଝକୋ ରାଜା'ର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଥିଲେ। ଅଭିନୟ ଓ ନିର୍ଦ୍ଦେଶନା ବ୍ୟତୀତ ସେ ଜଣେ ଗାୟକ ଓ ନିର୍ମାତା ମଧ୍ୟ ରହିଆସିଛନ୍ତି।

ମୟୂରଭଂଜ ସାଂସଦଙ୍କ ଜଳେଶ୍ୱର ଭାଜପା କାର୍ଯ୍ୟାଳୟ ପରିଦର୍ଶନ

ଜଳେଶ୍ୱର, ୧୭/୧ (ନିପ୍ର) : ମୟୂରଭଂଜ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ସଂପାଦକ ଓ ଏସ୍‌ସି/ଏସ୍‌ଟି ମୋର୍ଚ୍ଚାର ସଭାପତି ଇଂ ବିଶ୍ୱେଶର ଟୁଡୁ ଜଳେଶ୍ୱରକୁ ଏକ କାର୍ଯ୍ୟକ୍ରମରେ ଆସି ସ୍ଥାନୀୟ ବ୍ଲକ ବଜାର ନିକଟରେ ଭାଜପାର ପାର୍ଟି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସ୍ଥାନୀୟ ନେତୃମଣ୍ଡଳୀ ଓ କର୍ମୀଙ୍କ ସହିତ ବହୁ ସମୟଧରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଜଗନ୍ନାଥ ଏକ୍ସପ୍ରେସ୍ ଓ ଧଉଳି ଏକ୍ସପ୍ରେସ୍‌କୁ ଯଥାଶୀଘ୍ର ଚଳାଚଳ କରିବା, ଭୂମିହୀନ ଗରିବ ଲୋକଙ୍କ ଲାଗି ଘରଡିହ ଯୋଗାଇବା ସହିତ ଆଦିବାସୀ/ ହରିଜନ ଙ୍କ ଲାଗି କେନ୍ଦ୍ରୀୟ ଯୋଜନା ସଂପର୍କରେ ସମୀକ୍ଷା କରିଥିଲେ ।

ଦୁର୍ଘଟଣାରେ ବଳଦ ଓ କାର ଚାଳକ ମୃତ

ବାରିପଦା,୧୭।୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା - ଜଳେଶ୍ୱର ମୁଖ୍ୟ ରାସ୍ତାର ଭରଡାନନ୍ଦା ଠାରେ ଦ୍ରୁତ ଗତିରେ ଯାଉଥିବା ଏକ କାର ବଳଦକୁ ଧକ୍କା ଦେଇ ଭାରସାମ୍ୟ ହରାଇ କାରଟି ରାସ୍ତା ଠାରୁ ୩୦ ଫୁଟ ଦୂରରେ ବିଲ ମଧ୍ୟରେ ଓଲଟି ପଡ଼ିଥିଲା । କାର ରେ କେବଳ ଚାଳକ ଥିଲେ। କାର ଧକ୍କାରେ ବଳଦଟିର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ତେବେ କାରଟିର ରେଜଷ୍ଟ୍ରିସନ ନମ୍ବର ଓଡି ୧୧- ଏସ -୫୨୮୨ ହୋଇଥିବା ବେଳେ କାରଟିର ମାଲିକାନା ମଞ୍ଜୁଲତା ରାଉତଙ୍କ ନାମରେ ଥିବା ଜଣାପଡିଛି । ସ୍ଥାନୀୟ ଲୋକମାନେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଗୁରୁତର ଟ୍ରାଇଭରଙ୍କୁ ଉଦ୍ଧାର କରାଯାଇ ବାରିପଦା ପିଆରଏମ ହସପିଟାଲ ଚିକିତ୍ସା ପାଇଁ ପଠାଯାଇଥିଲା । ସେଠାରେ ଡାକ୍ତର ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ । ତେବେ ମୃତ ଚାଳକ ଜଣଙ୍କ ହେଉଛନ୍ତି ପଞ୍ଜାବ ରାଜ୍ୟ ଜଳେନ୍ଧର ଅଂଚଳର ଫତେପୁର ଗ୍ରାମର ଜଧାବର ସିଂ। ସେ ବିଦ୍ୟୁତ ବିଭାଗରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା କୁହାଯାଇଛି। ଖବର ପାଇ ରାସଗୋବିନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।

ଅନଲାଇନ୍‌ରେ ଖଜଣା ଆଦାୟ ଗରିବଙ୍କ ପ୍ରତି ଉପହାସ

ଜଳେଶ୍ୱର, ୧୭/୧ (ନିପ୍ର) : ଏଣିକି ସରକାରୀ ଅନଲାଇନ୍‌ରେ ରାଜସ୍ୱ ବିଭାଗର ଖଜଣା ଆଦାୟର ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହା ଅଧିକ ସ୍ୱଚ୍ଛ ହେବା ପରିବର୍ତ୍ତେ ଗରିବଙ୍କୁ ବୋଝ ଉପରେ ଲଳିତାବିଡା ପରି ହୋଇଛି । ପୂର୍ବରୁ ଗରିବ ଚାଷୀଟି ତାର ସ୍ୱଳ୍ପ ଖଜଣା ଆର୍‌ଆଇ କାର୍ଯ୍ୟାଳୟ କିମ୍ବା ଖଜଣା ଆଦାୟ କ୍ୟାମ୍ପକୁ ଯାଇ ଖଜଣା ଦେଇପାରୁଥିଲା । ପ୍ରତିବର୍ଷ ଜାନୁଆରୀରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ କ୍ୟାମ୍ପ କରାଯାଇ ରାଜସ୍ୱ ଆାଦାୟ କରାଯାଉଥିଲା । ଏହି ସମୟରେ ଆର୍.ଆଇ ମାନେ ବ୍ୟସ୍ତ ରହୁଥିବାରୁ ସେ ସମୟରେ ଅନ୍ୟାନ୍ୟ ଲୋକଙ୍କ ବିଭିନ୍ନ ସାର୍ଟିଫିକେଟ ପ୍ରଦାନରେ ବିଳମ୍ବ ଘଟୁଥିଲା । ଏବେ ଜଣେ ଚାଷୀ ୧୦/୨୦ଟଙ୍କା ଖଜଣା ନିମନ୍ତେ ଗ୍ରାମରେ ଥିବା ଜନସେବାକେନ୍ଦ୍ରରେ ଧାଡି ଲଗାଇବାକୁ ପଡୁଛି । ଏପରିକି ସେମାନଙ୍କୁ ଅଧିକ ୨୦/୩୦ଟଙ୍କା ଜନସେବାକେନ୍ଦ୍ରରେ ଦେବାକୁ ପଡୁଛି । ଫଳରେ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏପରିକି ସମସ୍ତଙ୍କ ଠାରେ ସ୍ମାର୍ଟଫୋନ ନ ଥିବାରୁ ଅନ୍‌ଲାଇନ୍‌ରେ ଖଜଣା ପ୍ରଦାନ ସମ୍ଭବ ହୋଇପାରୁନାହିଁ । ତେଣୁ ପୂର୍ବପରି ଖଜଣା ଆଦାୟ କରାଯିବାକୁ ଦାବି ହେଉଛି । ବିଶେଷ କରି ନାମ୍ପୋ ଆର୍‌ଆଇ ବହୁ ସମୟରେ କାର୍ଯ୍ୟାଳୟକୁ ଆସୁନଥିବାରୁ ସେଠାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ଜୀବନବିନ୍ଦୁ କାର୍ଯ୍ୟକ୍ରମ:୧୧୬ ୟୁନିଟ ରକ୍ତ ସଂଗ୍ରହ

ଖଇରା,୧୭।୧(ନିପ୍ର) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍ଘାଟନ କରିଥିଲେ । ବାଲେଶ୍ୱର ରେଡକ୍ରସର ଡାକ୍ତର କ୍ଷିରୋଦ କୁମାର ପାଲ ଓ ଟେକ୍ନିସିଆନ ଅକ୍ଷୟ ଜେନା,ସହେଯାଗୀ ସ୍ୱାତୀ ସୁଚରିତା ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍ଲାଦ ପତି, ନରେନ୍ଦ୍ର ନାଥ ଧର, ସୌମ୍ୟରଞ୍ଜନ ନାୟକ, ରଶ୍ମିତା ମହାପାତ୍ର ସୁଦର୍ଶନ ସେଠୀ, ବ୍ରଜକିଶୋର ମହାନ୍ତି, ଶଶାଙ୍କ ଶୈଖର ମହାପାତ୍ର, ରମାକାନ୍ତ ମହାନ୍ତି, ଗୌତମ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

ବାଇକ ଦୁର୍ଘଟଣାରେ ଯୁବକ ମୃତ

ଖଇରା,୧୭।୧ (ନିପ୍ର) ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମର ଅଜିତ ବିଶ୍ୱାଳ(୩୨) ଶନିବାର ରାତିରେ ପାଣିକୋଇଲି ନିକଟରେ ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଯାଜପୁରରେ ଏକ ବ୍ୟାଙ୍କରେ କାର୍ଯ୍ୟରତ ଅଜିତ ବାଇକରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ଧକ୍କାରେ ପ୍ରାଣ ହରାଇଥିଲେ । ରବିବାର ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି ।

ମୋ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ସଚେତନତା ସାଧାରଣ ସଭା

ଜଳେଶ୍ୱର, ୧୭/୧ (ନିପ୍ର) : ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଏକ ସଚେତନତା ସାଧାରଣ ସଭା। ଜଳେଶ୍ୱର ବ୍ଲକ ବାସନ୍ତୀ ପଡିଆଠାରେ ଅନୁଷ୍ଠିତ ହୋଇ ଯାଇଛି । ସଂଗଠନର ସଭାପତି କିଶୋର ହୋତା ପୌରହିତ୍ୟ କରିଥିବା ବେଳେ ହରିଶଂକର ପଣ୍ଡା ମଂଚ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥିଭାବେ ମୟୂରଭଂଜ ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁ ଯୋଗ ଦେଇ ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ଆଇଆଇସି ମାନସ କୁମାର ଦେଓ , ଅଜିତ୍ କୁମାର ଜେନା, ଜଗନ୍ନାଥ ପରିଡା ପ୍ରମୁଖ ଯୋଗ ଦେଇସଂଗଠନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଇଥିବା ରକ୍ତଦାନ ଶିବିର, ବୃକ୍ଷରୋପଣ, ଗରିବ ଲୋକଙ୍କୁ ଖାଦ୍ୟ ଓ ଶୀତବସ୍ତ୍ର ପ୍ରଧାନ, ଓ ସଫେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦୁର୍ଜୟ ପାଣିଗ୍ରାହୀ, ସୁଶାନ୍ତ କୁମାର ପ୍ରଧାନ, ଶାନ୍ତନୁ କୁମାର ସେନିପତି, ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ନବୀନ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀର ମାନ୍ୟତାକୁ ନେଇ ବାଲେଶ୍ୱରରେ ଖୁସି ଲହରୀ

ବାଲେଶ୍ୱର,୧୭।୦୧ (ନି.ପ୍ର): ଏବିପି ନ୍ୟୁଜ ଚ୍ୟାନେଲ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରିବାକୁ ନେଇ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ଏନେଇ ସହରର ସହଦେବଖଣ୍ଟାସ୍ଥିତ ବିଶେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ସ୍ଥାନୀୟ ଅଂଚଳବାସୀ ଆଜି ସମୂହ ଦୀପଦାନ କରିଥିଲେ । ଦେଶର ଅଗ୍ରଣୀ ମିଡିଆ ହାଉସ ଏବିପି ନ୍ୟୁଜ ଓ ସର୍ବେକ୍ଷଣ ସଂସ୍ଥା ସି-ଭୋଟର୍ସ ପକ୍ଷରୁ ହୋଇଥିବା ସର୍ଭେରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି । ଦୀର୍ଘ ୨୧ ବର୍ଷର ସୁଶାସନ ଏବଂ ବିକାଶମୂଳକ ଯୋଜନା କାର୍ଯ୍ୟକାରୀରେ ଶତପ୍ରତିଶତ ସଫଳତା ପାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ସଂସ୍ଥା ଦ୍ୱାରା ଏକ ନମ୍ବର ଭାବେ ବିବେଚନା କରାଯିବା ତାଙ୍କର ଲୋକପ୍ରିୟତାକୁ ପ୍ରମାଣିତ କରୁଛି ବୋଲି ଅଂଚଳବାସୀ କହିଥିଲେ । ଲୋକପ୍ରିୟତାରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ପଦବୀ ଅଳଙ୍କୃତ ସହ ଦେଶବାସୀଙ୍କୁ ସୁଶାସନ ପ୍ରଦାନ ପାଇଁ ସେମାନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସହଦେବଖୁଂଟା ରୟାଲ କ୍ଲବ ସଭାପତି ଭଗବାନ ମୋହନୀ, ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ରାଜକିଶୋର ରାଉତ, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ପ୍ରତିଭା ବାରିକ, ଇଂ ଡମ୍ବୁରୁଧର ପ୍ରଧାନ, ଧୀରେନ୍ଦ୍ର ବାରିକ, ଦେବାଶିଷ ସିଂ, ବିନୋଦ ବିହାରୀ ପଣ୍ଡା, ଗେଡା ମୁର୍ମୁ, ପ୍ରବୋଧ ଗଙ୍ଗୋଇ, ସନ୍ତୋଷ କୁମାର ସେନ, ନିହାରିକା ପଟ୍ଟନାୟକ, ହରମୋହନ ଦାସ, ସୁଧୀର କୁମାର ଦାସ, ମହାନ୍ତି ମାଝୀ, କାହ୍ନୁ ସୋରେନ,